# ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା ନିର୍ମାଣ ଶ୍ରମିକ ମହାସଂଘ

**ଜିଲ୍ଲା ଶ୍ରମ ବିଭାଗ ଦୁର୍ନୀତି ମାମଲା**

- ଅନ୍ୟ କର୍ମଚାରୀଙ୍କ ସମ୍ପୃକ୍ତି ସନ୍ଦେହ

ରାୟଗଡ଼ା,୨।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଶ୍ରମ ବିଭାଗ ଦୁର୍ନୀତି କେଳେଙ୍କାରି ଚେର ଲମ୍ବିବାରେ ଲାଗିଛି। ନିର୍ମାଣ ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ବୀମା ରାଶି ହେରଫେର ଘଟଣାର ପ୍ରାଥମିକ ତଦନ୍ତ ପରେ ଜିଲା ଶ୍ରମ ଅଧିକାରୀ ଜସ୍ମିନ ଶୁଭଦର୍ଶିନୀ ସାହୁ ନିଲମ୍ବିତ ହୋଇଛନ୍ତି। ଏହି ଦୁର୍ନୀତିରେ ବିଭାଗର ଅନ୍ୟ କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବା ନେଇ ସନ୍ଦେହ କରିଛି ରାୟଗଡ଼ା ଜିଲା ନିର୍ମାଣ ଶ୍ରମିକ ମହାସଂଘ। ତେଣୁ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ନିରପେକ୍ଷ ତଦନ୍ତକରି ଏଥିରେ ଲିପ୍ତ ରହିଥିବା ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହାସଂଘ ସଭାପତି ନିରଞ୍ଜନ ପାତ୍ର ଦାବି କରିଛନ୍ତି। ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିବା ଫୋନ କଲ୍ ରେକର୍ଡ ନେଇ ମହାସଂଘ ଉପସଭାପତି ବଳରାମ କୁସୁଲିଆଙ୍କ ବିରୋଧରେ ମାନହାନି କେସ୍ କରିବା ନେଇ ଶ୍ରମ ବିଭାଗରେ ଆଉଟସୋର୍ସିଂ ମାଧ୍ୟମରେ କାର୍ଯ୍ୟରତ କଲ୍ୟାଣ ସଂଯୋଜକ ସୁଶାନ୍ତ ସାହୁ ଦେଇଥିବା ଧମକକୁ ମଧ୍ୟ ଦୃଢ଼ ନିନ୍ଦା କରାଯାଇଛି। ଅନ୍ୟପଟେ ସୋମବାର ଜିଲାପାଳଙ୍କ ନିକଟରେ ଯୁଗ୍ମ ଅଭିଯୋଗ ଶୁଣାଣି ସମୟରେ କିଶୋର ମହାନନ୍ଦିଆ, କଲ୍ୟାଣ ସଂଯୋଜକ ସୁଶାନ୍ତ ସାହୁ ଓ ଅନ୍ୟ ଅଧିକାରୀଙ୍କ ନାମରେ ଅଭିଯୋଗ ପରେ ମଙ୍ଗଳବାର ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି ନିର୍ମାଣ ଶ୍ରମିକ ମହାସଂଘ ଉପସଭାପତି ବଳରାମ କୁସୁଲିଆ। ବଳରାମ ଗଣମାଧ୍ୟମକୁ କହିଛନ୍ତି, ଉକ୍ତ ଫୋନ କଲ୍ ରେକର୍ଡ କଥା ହେଉଥିବା ୨ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ସେ ନିଜେ ଏବଂ ଅନ୍ୟ ଜଣକ ହେଉଛନ୍ତି ଜିଲା ଶ୍ରମ ବିଭାଗରେ କାର୍ଯ୍ୟରତ କଲ୍ୟାଣ ସଂଯୋଜକ ସୁଶାନ୍ତ।

ବଳରାମଙ୍କ କହିବାନୁସାରେ, କଲ୍ୟାଣ ସଂଯୋଜକ ସୁଶାନ୍ତ ଗତ ଏପ୍ରିଲରେ ତାଙ୍କ ମୋବାଇଲ ନମ୍ବର ୯୪୩୮୪୪୯୯୨ରୁ ବଳରାମଙ୍କ ମୋବାଇଲ ନମ୍ବର ୮୨୪୯୦୬୭୦୬୮କୁ କଲ୍‌କରି କହିଥିଲେ, କେତେଜଣ ଲୋକ ଆର୍‌ଟିଆଇରେ ବିଭାଗୀୟ ତଥ୍ୟ ମାଗିଛନ୍ତି ; ଯେଉଁଥିରେ କିଛି ଭୁଲ୍‌ଭଟକା ଧରିଛନ୍ତି। ତେଣୁ ତାଙ୍କୁ ୩ ଲକ୍ଷ ୫୦ ହଜାର ଟଙ୍କା ଦେବାକୁ ପଡ଼ିବ, ନଚେତ୍ ଅଫିସ କର୍ମଚାରୀମାନେ ହଇରାଣ ହେବେ। ତେଣୁ ତୁମେ ଟଙ୍କା ଧରି ଆସ ବୋଲି ସୁଶାନ୍ତ କହିଥିଲେ। ସେ କାହିଁକି ଟଙ୍କା ଦେବେ ବୋଲି କହି ବଳରାମ ମନା କରିଦେଇଥିଲେ। ତେବେ ଜିଲା ଶ୍ରମ ଅଧିକାରୀ ଜସ୍ମିନ୍ ସାହୁ ଦୁର୍ନୀତି ମାମଲାରେ ନିଲମ୍ବିତ ହେବା ପରେ ଦୁର୍ନୀତିରେ ଲିପ୍ତ ବିଭାଗୀୟ ଅନ୍ୟ ଅଧିକାରୀମାନେ ମଧ୍ୟ ଧରାପଡ଼ିବା ଉଦ୍ଦେଶ୍ୟରେ ବଳରାମ ଓ ସୁଶାନ୍ତଙ୍କ କଲ୍ ରେକର୍ଡ ସାର୍ବଜନୀନ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ସୋସିଆଲ ମିଡିଆରେ ଭାଇରଲ ହୋଇଥିଲା । ଏହି ଭାଇରାଲ ରେକର୍ଡ ନେଇ କିଶୋର ମହାନନ୍ଦିଆ ନାମକ ଜଣେ ବ୍ୟକ୍ତି ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦୁର୍ନୀତିର ତଦନ୍ତ ପାଇଁ ଦେଇଥିଲେ। ତେବେ ଏହି ଅଭିଯୋଗ ପରେ ସୁଶାନ୍ତ ମହାସଂଘ ଉପସଭାପତି ବଳରାମଙ୍କୁ ହ୍ୱାଟ୍ସଆପ୍‌ରେ ମାନହାନି କେସ୍ କରିବା ନେଇ ଧମକ ଦେଇଥିବା ବଳରାମ କହିଛନ୍ତି । ତେଣୁ ଏହି ଦୁର୍ନୀତି ଘଟଣାର ତଦନ୍ତ କରିବା ସହ ସୁଶାନ୍ତ ବିଭାଗୀୟ ତଥ୍ୟ ହେରଫେର ଏବଂ ମହାସଂଘର ସଦସ୍ୟଙ୍କୁ ଧମକ ଦେବା ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ବଳରାମ ଓ ମହାସଂଘ ସଦସ୍ୟମାନେ। ଉକ୍ତ ଘଟଣାକୁ ନେଇ ସୁଶାନ୍ତ ସାହୁଙ୍କୁ ଫୋନ୍‌ରେ ଯୋଗାଯୋଗ କରିଥିଲେ ହେଁ ସମ୍ଭବପର ହୋଇପାରି ନ ଥିଲା । ତେବେ ଏ ନେଇ ଜିଲା ଶ୍ରମ ଅଧିକାରୀ ଗୋପାଳ ମଙ୍ଗରାଜଙ୍କୁ ପଚାରିବାରୁ ଅଭିଯୋଗ ଉପରେ ତଦନ୍ତ ଚାଲିଛି ଏବଂ ସୁଶାନ୍ତ ସାହୁ କାହା ସହ କ'ଣ କଥା ହୋଇଛନ୍ତି ସେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି। ତେବେ ଜିଲା ଶ୍ରମ ବିଭାଗରେ ଲମ୍ବିଥିବା ଏହି ଦୁର୍ନୀତିର ଚେର କେତେ ଦୂରକୁ ଲମ୍ବିଛି ଓ ଏଥିରେ କିଏ ସବୁ ସମ୍ପୃକ୍ତ ରହିଛନ୍ତି ତାହା ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା ତଦନ୍ତ ପରେ ହିଁ ଜଣାପଡ଼ିବ।

## ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲେ ପ୍ରେସ୍ କ୍ଲବ ସଭାପତି

**ଚନ୍ଦ୍ରପୁରର ବହୁ ବିଦ୍ୟାଳୟ ଅବସ୍ଥା ଶୋଚନୀୟ**


ଶିକ୍ଷାମନ୍ତ୍ରୀଙ୍କ ସହ ଚନ୍ଦ୍ରପୁର ପ୍ରେସ କ୍ଲବ ସଭାପତି ।

ଚନ୍ଦ୍ରପୁର, ୨।୭ (ବିଜୟ ପ୍ରସାଦ ଉଲାକା)

ରାୟଗଡା ଜିଲାର ପଛୁଆ ଅଞ୍ଚଳ ଭାବେ ପରିଚିତ ଚନ୍ଦ୍ରପୁର ବ୍ଲକରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସର୍ବ ଶିକ୍ଷା ଅଭିଯାନ ତରଫରୁ ନିର୍ମାଣାଧୀନ ଅଧିକାଂଶ ବିଦ୍ୟାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। କେଉଁଠି ଛାତରୁ ପାଣି ଗଳୁଛି ତ, ଆଉ କେଉଁଠି ଛାତରୁ ସିମେଣ୍ଟ ଖଣ୍ଡ ପଡୁଛି। ବିଦ୍ୟାଳୟଗୁଡ଼ିକ ମରାମତି ସହ ବ୍ଲକ୍‌ରେ ଶିକ୍ଷାର ଉନ୍ନତିକରଣ ପାଇଁ ଚନ୍ଦ୍ରପୁର ବ୍ଲକର ପ୍ରେସ କ୍ଲବ ସଭାପତି ପ୍ରମୋଦ ସାହୁକାର ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ଏସଟି, ଏସ୍‌ସି, ସଂଖ୍ୟା ଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଏଥିସହ ବ୍ଲକ୍‌ରେ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଥିବା ଏକଲବ୍ୟ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ପୂର୍ଣ୍ଣ କରି କାର୍ଯ୍ୟକ୍ଷମ କରିବାକୁ ମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ବୁଦିବାଲି ପଞ୍ଚାୟତର କମାରଗୁଡ଼ି ପ୍ରାଥମିକ ବିଦ୍ୟାଳୟ କୋଠା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସେହିପରି ଆଜକୁ ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲାଣି ସାରିକିମା ପଞ୍ଚାୟତ ସଦର ମହକୁମାରେ କେନ୍ଦ୍ର ସରକାରଙ୍କ ଏକମାତ୍ର ଏକଲବ୍ୟ ବିଦ୍ୟାଳୟ ନିର୍ମାଣ ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଆସି ଏହାର ଶୁଭ ଉଦଘାଟନ କରି ଯାଇଥିଲେ। ପରିତାପର ବିଷୟ ତାହା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନ ହୋଇ ସେମିତି ପଡି ରହିଛି। ଏଥିସହ ବିଭିନ୍ନ ବିଦ୍ୟାଳୟର ମରାମତି, ଶିକ୍ଷକ ଅଭାବ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରିଥିବା ନେଇ ପ୍ରେସ କ୍ଲବ ସଭାପତି ସାହୁକାର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ରେଳ ଲାଇନ କଡ଼ରୁ ଯୁବକଙ୍କ ମୃତଦେହ ଜବତ

ମୁନିଗୁଡ଼ା,୨।୭ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡା ରେଳ ଷ୍ଟେଶନ ନିକଟସ୍ଥ ଧାଣ୍ଡାରା ରେଳ ଫାଟକ କଡରୁ ମଙ୍ଗଳବାର ଜଣେ ଅଜଣା ଯୁବକଙ୍କ ମୃତଦେହ ଜବତ କରିଛି ଜିଆରପି ପୋଲିସ । କୌଣସି ଏକ ଟ୍ରେନରେ କଟିଯାଇ ଜଣେ ଯୁବକଙ୍କ ମୃତଦେହ ଲାଇନ କଡରେ ପଡ଼ିଥିବା ଖବରପାଇ ଜିଆରପି ଏଏସଆଇ ମାନା କୁମ୍ଭାର, କନଷ୍ଟେବଲ ଅନୁଜଚନ୍ଦ୍ର ବୈଦ୍ୟ ଭୂଷଣ, ଆରପିଏଫ ଏସଆଇ ଏ.କୁଜୁର ପ୍ରମୁଖ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଯୁବକଙ୍କ କୌଣସି ପରିଚୟପତ୍ର କିମ୍ବା ଠିକଣା ମିଳି ନାହିଁ। ଏ ନେଇ ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଜିଆରପି ଏଏସ୍‌ଆଇ କୁମ୍ଭାର ସୂଚନା ଦେଇଛନ୍ତି ।

### ମୁନିଗୁଡ଼ା ବ୍ୟାଙ୍କ ନିକଟରୁ ବାଇକ୍ ଚୋରି

ମୁନିଗୁଡ଼ା,୨।୭ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡାସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ନିକଟରୁ ମଙ୍ଗଳବାର ଏକ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବ୍ୟାଙ୍କର ସିକ୍ୟୁରିଟି ଗାର୍ଡ ନିଜ ବାଇକକୁ ରଖି କାର୍ଯ୍ୟରେ ଲାଗିପଡ଼ିଥିଲେ । ମଧ୍ୟାହ୍ନରେ ଖାଇବାକୁ ଯିବା ସମୟରେ ବାହାରକୁ ଆସି ଦେଖିଲା ବେଳକୁ ସେହି ସ୍ଥାନରେ ତାଙ୍କ ବାଇକ ନ ଥିବା ଦେଖି ବହୁତ ଖୋଜାଖୋଜି ପରେ ମୁନିଗୁଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସିସିଟିଭି ଯାଞ୍ଚ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି। ତେବେ ପୂର୍ବରୁ ମୁନିଗୁଡା ଷ୍ଟେଟ ବ୍ୟାଙ୍କ ସାମ୍ନା ସହ ମୁନିଗୁଡା ସହରରେ ବାରମ୍ବାର ଗାଡ଼ି ଚୋରି ହୋଇଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ସହରରୁ ଚୋରି ରୋକିବା ପାଇଁ ମୁନିଗୁଡ଼ାବାସୀ ପୋଲିସକୁ ଅନୁରୋଧ କରିଛନ୍ତି।

### ବୈଶ୍ୟ ସଂଘ ନିର୍ବାଚନ

ରାୟଗଡ଼ା,୨।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ବୈଶ୍ୟ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ କିନ୍ତାଲି ଅମରନାଥ, ଉପସଭାପତି ଭାବେ ଇ. ଗୋପାଳ ଚେଟ୍ଟି, ସାଧାରଣ ସମ୍ପାଦକ ଭାବେ ଟି. ଜୟରାମ, ସହ ସମ୍ପାଦକ ସି.ଏଚ୍. ବିଜୟ ମୋହନ ଓ କୋଷାଧ୍ୟକ୍ଷ ଭି. ମୁରଲୀ ନିର୍ବାଚିତ ହୋଇଛନ୍ତି। ନବ ନିର୍ବାଚିତ କର୍ମକର୍ତ୍ତା ସୋମବାର ଶପଥ ଗ୍ରହଣ କରିବା ସହିତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଗାମୀ ୩ ବର୍ଷ ପାଇଁ ଏହି କମିଟି କାର୍ଯ୍ୟ କରିବ। ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ରଥଯାତ୍ରା ପାଇଁ ଜିଲାପାଳଙ୍କୁ ନିମନ୍ତ୍ରଣ କଲେ ସେବାୟତ ମହାସଂଘ


ସେବାୟତ ମହାସଂଘ ସଦସ୍ୟ ଜିଲାପାଳଙ୍କୁ ନିମନ୍ତ୍ରଣ ପତ୍ର ଦେଉଛନ୍ତି।

ରାୟଗଡ଼ା,୨।୭(ଆଶିଷ ରଞ୍ଜନ ପଣ୍ଡା)

ଆସନ୍ତା ୭ ତାରିଖରେ ରାୟଗଡ଼ାସ୍ଥିତ ଶ୍ରଦ୍ଧା ଶ୍ରୀକ୍ଷେତ୍ରଠାରେ ଅନୁଷ୍ଠିତ ହେବାକୁ ଥିବା ରଥଯାତ୍ରା ଅବସରରେ ସେବାୟତ ସଂଘ ପକ୍ଷରୁ ଜିଲାପାଳଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ କରାଯାଇଛି । ଏଥିସହ ସଂଘ ପକ୍ଷରୁ ନୂତନ ଗୁଣ୍ଡିଚା ମନ୍ଦିର ନିର୍ମାଣ ପାଇଁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବିପତ୍ରରେ ରଥଖଳା ନିକଟସ୍ଥ ସରକାରୀ ଜମି ମନ୍ଦିରକୁ ହସ୍ତାନ୍ତର କରି ସେଠାରେ ଏକ ଶପିଂ କମ୍ପ୍ଲେକ୍ସ ନିର୍ମାଣ ସହ ଫ୍ଲାଏ ଓଭର ନିକଟସ୍ଥ ସ୍ଥାନକୁ ଗୁଣ୍ଡିଚା ମନ୍ଦିର ସ୍ଥାନାନ୍ତ କରିବା ନେଇ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ରାଜା ପୁରୋହିତ ବିରଞ୍ଚି ନାରାୟଣ ଦାସ, ତ୍ରିପଥୟ, ସୁନୀଲ ଚନ୍ଦ୍ର ପଣ୍ଡା, ରଞ୍ଜନ ରଥ, ସୁରେଶ ପଣ୍ଡା, ଗୋପରଞ୍ଜନ ବକ୍ସିପାତ୍ର, ଅଜୟ ରଥ ଓ ସୁଜିତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ୧୯୯୫ ମାଟ୍ରିକ୍ ବ୍ୟାଚ୍‌ର ଚାରାରୋପଣ

ଟିକିରି,୨।୭ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଟିକିରିସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୧୯୯୫ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ସହ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଚାରା ଲଗାଯାଇଥିଲା। ୧୯୯୫ ଦଶମ ଶ୍ରେଣୀ ବ୍ୟାଚ୍‌ର ଶଙ୍କର ପ୍ରସାଦ ଦୂରିଆ, ସତ୍ୟନାରାୟଣ ସାହୁ, ଝାଡ଼େଶ୍ୱର ବିଶୋୟୀ, ତାରିଣୀ ସାହୁ, ନିରଞ୍ଜନ ତ୍ରିପାଠୀ, ସଞ୍ଜୟ କୁମାର ସାହୁ, ସୀମାଞ୍ଚଳ ମାଝି, ଜଗନ୍ନାଥ ସାହୁ, ଡମ୍ବରୁଧର ବେହେରା ପ୍ରମୁଖ ଯୋଗଦେଇଥିଲେ। ସ୍କୁଲ ଅଧକ୍ଷା ବକୁଳାରାଣୀ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ଅବକାରୀ ଚଢ଼ାଉ

ରାୟଗଡ଼ା, ୨।୭ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଅବକାରୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋମବାର ୩ ପୃଥକ୍ ସ୍ଥାନରେ ଚଢ଼ାଉ କରାଯାଇ ବହୁ ପରିମାଣର ମଦ ନଷ୍ଟ କରାଯାଇଛି। ଶେଷଖାଲ ଥାନା ଅନ୍ତର୍ଗତ ବଡହାଲୁଆ, କେରେଡା ଏବଂ ଅଞ୍ଜିଆ ଗ୍ରାମର ବିଭିନ୍ନ ସ୍ଥାନରୁ ୮୫୦ ଲିଟର ମଦ ଓ ୧୦୧୦୦ ଲିଟର ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ସ୍ଥାନୀୟ ଅବକାରୀ କାର୍ଯ୍ୟାଳୟରେ ୩ଟି ଭିନ୍ନ ମାମଲା ରୁଜୁ ହୋଇଛି। ଇନ୍‌ସ୍ପେକ୍ଟର ସତ୍ୟନାରାୟଣ ଦାସ, ଇନ୍‌ଚାର୍ଜ ଅଧିକାରୀ ସଞ୍ଜୟ କୁମାର ପ୍ରଧାନ, ଏଏସ୍‌ଆଇ ରାଶି ନାୟକ ଏହି ଚଢାଉ ଟିମ୍‌ରେ ସାମିଲ ହୋଇଥିଲେ।

## ଟିକିରି ବନାଞ୍ଚଳ ପକ୍ଷରୁ ୧୬୦୦ ଚାରାରୋପଣ



ଶଙ୍କରଡା ସଂରକ୍ଷିତ ଜଙ୍ଗଲରେ ଚାରା ରୋପଣ କରାଯାଉଛି।

ଟିକିରି , ୨।୭ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ବନାଞ୍ଚଳ ପକ୍ଷରୁ ୭୫ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପଣସପଦର ଗ୍ରାମ ନିକଟସ୍ଥ ଶଙ୍କରଡା ସଂରକ୍ଷିତ ଜଙ୍ଗଲରେ ଚଳିତ ବର୍ଷ ଚାରାରୋପଣ ପାଇଁ ନିଆଯାଇଥିବା ୧୦ହେକ୍ଟର ଜମିରେ ମଙ୍ଗଳବାର ଶଙ୍କରଡା ସରପଞ୍ଚ ଚୁମୁକି ମାଝୀଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ପଣସ, ଅଁଳା, ତେନ୍ତୁଳି, ଗମ୍ଭାରୀ, ଜାମୁ, କାଜୁ, ବାଉଁଶ, ଶିଶୁ ଓ କରଞ୍ଜ ଭଳି ବିଭିନ୍ନ କିସମର ପ୍ରାୟ ୧୬୦୦ ଚାରା ରୋପଣ କରାଯାଇଥିଲ। ଉକ୍ତ କାର୍ଯ୍ୟକ୍ରମରେ ଟିକିରି ବନାଞ୍ଚଳ ଅଧିକାରୀ ଅନୀଲ ପାଣିଗ୍ରାହୀ ବୃକ୍ଷରୋପଣର ଉପକାରିତା ଏବଂ ବନ ମହୋତ୍ସବ ପାଳନ ସମ୍ପର୍କରେ ପଣସପଦର ଗ୍ରାମବାସୀଙ୍କୁ ବୁଝାଇଥିଲେ। ଟିକିରି ସେକ୍ସନ ବନପାଳ ଡମ୍ବୁରୁଧର ସେନାପତି, ଶଙ୍କରଡ଼ା ବନପାଳ ଗୌତମ ପଣ୍ଡା, ଲେଲିଗୁମ୍ମା ବନପାଳ ଏରକେନ ଶବରଙ୍କ ସହିତ ସବିତା କୁଟରୁକା, ମେନକା ନାଏକ, ଖଗେଶ୍ୱର ମାଝୀ ପ୍ରମୁଖ ଓ ସ୍ୱେଚ୍ଛାସେବୀ ସଂସ୍ଥାର କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇ ଚାରାରୋପଣ କରିଥିଲେ।

## 'ଚାରାରୋପଣ ପରେ ଯତ୍ନନେବା ଜରୁରୀ'


ପାତ୍ରଗୁଡ଼ା ଗ୍ରାମରେ ଚାରା ରୋପଣ କରାଯାଉଛି।

ମୁନିଗୁଡ଼ା,୨।୭ (ନନ୍ଦକିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ଅନ୍ତର୍ଗତ ପାତ୍ରଗୁଡା ଗ୍ରାମରେ ବନ ବିଭାଗ ତରଫରୁ ୭୫ ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହିଅବସରରେ ବିଦ୍ୟାଳୟ ଓ ମନ୍ଦିର ପରିସରରେ ବିଭିନ୍ନ ଔଷଧୀୟ ବୃକ୍ଷର ଚାରା ରୋପଣ କରାଯାଇଛି। ମୁନିଗୁଡ଼ା ଫରେଷ୍ଟର ପ୍ରମୋଦିନୀ ମାଣ୍ଡାଙ୍ଗୀ ଓ ରୋନିତ କୁମାର ମହାରଣାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ପାତ୍ରଗୁଡା ସରପଞ୍ଚ ଅନନ୍ତ ନୁଣ୍ଡୁକା, ସାମାଜିକ କର୍ମୀ ଲୋକନାଥ ଶତପଥୀ, ଗ୍ରାମବାସୀ ପୀତବାସ ପାତ୍ର, ଶମ୍ଭୁ ଦଳେଇ, କ୍ଷମାସାଗର ଦାଶ, କମଳ ହିଆଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବୃନ୍ଦାବନ ବିଦ୍ୟାପୀଠ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭୈରବୀ ମନ୍ଦିର ସହ ଗ୍ରାମର ଅନ୍ୟାନ୍ୟ ସ୍ଥାନରେ ବିଭିନ୍ନ ଔଷଧୀୟ ବୃକ୍ଷ ସହ ପିସ୍ତାବାଦାମ, ଓଉ, ଆମ୍ବ, ଅଁଳା, କାଞ୍ଚନ, ବରଡା, କଇଁଥ, ଜାମୁକୋଳି, ସୀତାଫଳର ଚାରା ରୋପଣ କରାଯାଇଥିଲା। ତେବେ ରୋପଣ କରାଯାଇଥିବା ବୃକ୍ଷଗୁଡିକର ରକ୍ଷଣାବେକ୍ଷଣ ନିହାତି ଆବଶ୍ୟକ । ଏଥିସହ ଜଳ, ଜଙ୍ଗଲ, ବାୟୁ ଓ ଜୀବଜନ୍ତୁଙ୍କ ସୁରକ୍ଷା ଦେବାକୁ ପଡ଼ିବ ବୋଲି ବନ ବିଭାଗର ଅଧିକାରୀମାନେ ସଚେତନତା ବାର୍ତ୍ତା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ ରତ୍ନାଲୁ, ବୃନ୍ଦାବନ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଜ୍ଞାନେନ୍ଦ୍ର ଜେନା ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ପାତ୍ରଗୁଡା ସ୍ୱୟଂ ସହାୟକ ମହିଳା ସଂଘ ଏବଂ ଗ୍ରାମର ଅନେକ ମହିଳା ଯୁବତୀ ଯୁବକ ସାମିଲ ହୋଇ ଚାରା ରୋପଣ କରିଥିଲେ ।

## 'ସୁସ୍ଥ ଜୀବନ ପାଇଁ ହସ ସବୁଠୁ ଭଲ ଉପଚାର'

**ଜାତୀୟ ଡାକ୍ତର ଦିବସ ପାଳିତ**


କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ସହିତ ରାୟଗଡ଼ା ବିଧାୟକ ଓ ଉପଜିଲାପାଳ।

ରାୟଗଡା,୨।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ସହର ଗାୟତ୍ରୀ ନଗରସ୍ଥିତ ଜିଲା ବରିଷ୍ଠ ନାଗରିକ ମଙ୍ଗଳ ସଂଘ ତରଫରୁ ସୋମବାର ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ବିନୋଦ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡା ବିଧାୟକ ଆପଲସ୍ୱାମୀ କାଡ୍ରାକା ଯୋଗଦେଇ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ସହ ଚିକିତ୍ସା ବିଜ୍ଞାନର ଉନ୍ନତି କ୍ଷେତ୍ରରେ ଡାକ୍ତରଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରାୟଗଡା ଉପ ଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଯୋଗ ଦେଇ ଡାକ୍ତରଙ୍କୁ ମର୍ତ୍ତ୍ୟର ଭଗବାନ ବୋଲି କହିଥିଲେ । ସଂଘ ତରଫରୁ ଡାକ୍ତର ଆନନ୍ଦ ପାଢୀ, ଭି.ଏନ.ଏନ.ପୃଷ୍ଟି, କେ.ଭି.ଏସ ଚୌଧୁରୀ, ବେଣୁଧର ନାୟକ, ସୁରେଶ କୁମାର, ଏସ.ସି.ଏସ ରାଓ, ପ୍ରେମ କୁମାରଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୟସ ଅତିକ୍ରାନ୍ତ ହେଲା ପରେ ମଣିଷକୁ ବିଭିନ୍ନ ପ୍ରକାର ରୋଗ ଆକ୍ରାନ୍ତ କରିଥାଏ। ତେଣୁ ମଣିଷ ବିଷାଦଠାରୁ ଦୂରେଇ ରହି ପ୍ରତିଦିନ ଯୋଗ, ବ୍ୟାୟାମ କଲେ ସୁଫଳ ମିଳିଥାଏ। ହସ ହେଉଛି ସବୁଠାରୁ ଭଲ ଉପଚାର, ହସିବା ଦ୍ୱାରା ମଣିଷ ଶରୀର ଉପରେ ଭଲ ପ୍ରଭାବ ପକାଇଥାଏ। ତେଣୁ ପ୍ରତିଦିନ ଚିନ୍ତାମୁକ୍ତ ରହି ହସିବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସଂଘର ସାଧାରଣ ସମ୍ପାଦକ ଡି.ଏନ.ଦାଶ, ବି.ଏସ.ଥାପ୍ପା, ଏନ.ଏନ.ପାତ୍ର, ସି.ଏସ.ପାତ୍ର, ଦିଲୀପ ପଟ୍ଟନାୟକ, ନବୀନ ପଣ୍ଡା, ରବି ସାହୁ, ଏଲ.ଏନ.ପାଣିଗ୍ରାହୀ, ବଳରାମ ଚୌଧୁରୀ, ଏମ.ଗୋବିନ୍ଦ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

## ମା' ମାର୍କମା କଲେଜରେ କ୍ୟାରିୟର କାଉନସେଲିଂ




ବିଷମକଟକ,୨।୭(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକସ୍ଥିତ ମା' ମାର୍କମା ଯୁକ୍ତ ୩ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡକ୍ଟର ଅଶ୍ୱିନୀ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାଉଦିଆରବର ରିୟାଦସ୍ଥିତ ସାଉଦି ଇଲେକ୍ଟ୍ରୋନିକ୍ସ ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ. ଗଣେଶ ଅଭିମନ୍ୟୁ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସୋସିଆଲ ମିଡିଆ ଆପକୁ କିପରି ଶିକ୍ଷଣୀୟ ବିଷୟରେ ବ୍ୟବହାର କରାଯାଇପାରିବ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ମୋବାଇଲରେ କିପରି ବିଭିନ୍ନ ଶିକ୍ଷଣୀୟ ଆପକୁ ଡାଉନଲୋଡ କରି ଭବିଷ୍ୟତ ଗଠନ କରାଯାଇପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ମୋବାଇଲର ଦୁରୁପଯୋଗ ନ କରି ସଦୁପଯୋଗ କିପରି କରିପାରିବେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ସଞ୍ଜୟ କୁମାର ତ୍ରିପାଠୀ ପରିଚାଳନା କରିଥିଲେ।

## ନୂଆ ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରିତା ନେଇ ଆଲୋଚନାଚକ୍ର

ବିଷମ କଟକ, ୨।୭(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ଥାନା ପରିସରରେ ସୋମବାର ନୂତନ ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀତା ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଉପାଧ୍ୟକ୍ଷ ଦେବୀପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଷମକଟକ ସରପଞ୍ଚ ନମିତା କୁଲସିକା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ଦେଶରେ କାର୍ଯ୍ୟକାରୀ ହେବାକୁ ଥିବା ନୂଆ ଫୌଜଦାରି ଆଇନ ସମ୍ବନ୍ଧରେ ଉପସ୍ଥିତ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। କର୍ମଶାଳାରେ ବିଷମକଟକ ସଦରର ବହୁ ଆଇନଜୀବୀ, ବରିଷ୍ଠ ନାଗରିକ ଏବଂ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ।


ଆଲୋଚନାଚକ୍ରରେ ଭାଗ ନେଇଥିବା ଆଇନଜୀବୀ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା ।

## 'ୟୁଥ୍ ଫର୍ ଚେଞ୍ଜ' ପକ୍ଷରୁ ସ୍ମାରକପତ୍ର

ଗୁଡାରି, ୨।୭ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରି ଅଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ ଦାବିରେ 'ୟୁଥ୍ ଫର୍ ଚେଞ୍ଜ' ସଦସ୍ୟଙ୍କ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ତହସିଲଦାର ଏ. ସ୍ନେହଲତା ଓ ବିଡିଓଙ୍କ ଅନୁପସ୍ଥିତିରେ ଡବ୍ଲ୍ୟୁଇଓ ପ୍ରଦୀପ ଶର୍ମାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। 'ୟୁଥ୍ ଫର୍ ଚେଞ୍ଜ' ସଦସ୍ୟମାନେ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନାକରି ସମାଧାନ ନିମନ୍ତେ ତହସିଲଦାରଙ୍କୁ ନିବେଦନ କରିଥିଲେ। ଅଞ୍ଚଳର ଦୀର୍ଘ ଦିନର ଦାବି ଗୁଡାରିରୁ ରାଜଧାନୀ ଭୁବନେଶ୍ୱରକୁ ସରକାରୀ ବସ୍ ସେବା ପ୍ରଦାନ, ମେଡିକାଲରେ ଆବଶ୍ୟକୀୟ ଡାକ୍ତର ପଦବୀ ପୂରଣ ଓ ଦୀର୍ଘ ୪୦ ବର୍ଷ ହେଲା କଲେଜରେ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ହୋଇ ନ ଥିବାରୁ ତୁରନ୍ତ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ପାଇଁ ଦାବି କରିଛନ୍ତି। ପରେ ସହରର ପ୍ରବେଶ ପଥର ରାସ୍ତା ମରାମତି ନିମନ୍ତେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କୁ ମଧ୍ୟ ସ୍ମାରକପତ୍ର ପ୍ରଦାନ କରାଯିବା ସହ ସହରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ରଞ୍ଜନ ରଥ, ଏସ୍.ମୀନକେଶ, କେ. କିରନ କୁମାର, ଗୌତମ, କଳିକେଶଙ୍କ ସମେତ 'ୟୁଥ୍ ଫର୍ ଚେଞ୍ଜ' ଯୁବଗୋଷ୍ଠୀର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


ତହସିଲଦାରଙ୍କୁ ସଦସ୍ୟମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଗଛରେ ପିଟିହେଲା କାର୍‌, ଯୁବକ ମୃତ

ଜୟପୁର,୨।୭(ପବନ ପାଣିଗ୍ରାହୀ)

ଜୟପୁର ବାମୁଣି ଗାଁ ନିକଟରେ ଏକ କାର୍ ଗଛରେ ଧକ୍କା ହୋଇଛି। ଫଳରେ ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ସେ ହେଲେ ରାଜୁସାହିର ଚନ୍ଦନ ମହାନ୍ତି (୨୪)। ପୋଲିସ ସୂଚନା ଅନୁଯାୟୀ ସୋମବାର ରାତିରେ ଚନ୍ଦନ ଏକ କାର୍‌ରେ ବାମୁଣି ଗାଁ ଅଭିମୁଖେ ଯାଉଥିବା ବେଳେ ତାଙ୍କ କାର ଏକ ଗଛରେ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଛି। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ୩ ନୂଆ ଆପରାଧିକ ଆଇନ ଉପରେ ସଚେତନତା

ଜୟପୁର, ୨।୭(ପବନ ପାଣିଗ୍ରାହୀ)

ସମଗ୍ର ଦେଶରେ ୩ଟି ନୂଆ ଆପରାଧିକ ଆଇନ ୧ ତାରିଖଠାରୁ କାର୍ଯ୍ୟକାରୀ ହୋଇଛି। ଏନେଇ ଜୟପୁର ସଦର ଥାନା ପରିସରରେ ଏକ ସଚେତନତା ବୈଠକ ହୋଇଥିଲା। ଜୟପୁର ସଦର ଥାନା ଅଞ୍ଚଳର ବୁଦ୍ଧିଜୀବୀମାନଙ୍କୁ ସଚେତନ କରାଯାଇଥିଲା। ଥାନା ଅଧିକାରୀ ଈଶ୍ୱର ତାଣ୍ଡି ଏହି ଆଇନ ସମ୍ପର୍କରେ ବୁଝାଇଥିଲେ। ଭାରତୀୟ ଦଣ୍ଡ ସଂହିତା, ଆଇପିସି, ଫୌଜଦାରି ଆପରାଧିକ ସଂହିତା ସିଆର୍‌ପିସି ଏବଂ ଭାରତୀୟ ସାକ୍ଷ୍ୟ ଆଇନ ସ୍ଥାନରେ ଭାରତୀୟ ନ୍ୟାୟ ସଂହିତା , ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରୀ ହୋଇଛି। ଏହି ୩ ନୂଆ ଆଇନ ବଳରେ ଏଣିକି ଯେ କୌଣସି ଥାନାରେ ଏତଲା ଦାଏର, ଅନ୍‌ଲାଇନରେ ଏତଲା ଦାଏର, ଏସ୍‌ଏମ୍‌ଏସ୍ ଭଳି ଅନ୍‌ଲାଇନ ମୋଡ୍‌ରେ ସମନ ଜାରି କରାଯାଇପାରବ।

### ବିତରଣ ନିମନ୍ତେ ବିଭିନ୍ନ କିସମର ୪ ଲକ୍ଷ ଚାରା ଗଚ୍ଛିତ



ଚିତ୍ରକୋଣ୍ଡା, ୨।୭(କ୍ଷୀରୋଦ ବେହେରା)

ଚଳିତ ବର୍ଷ ବନ ବିଭାଗ ତରଫରୁ ବିପୁଳ ପରିମାଣର ଚାରାରୋପଣ ଏବଂ ଜନସାଧାରଣଙ୍କୁ ବଣ୍ଟନ ନିମନ୍ତେ ଚିତ୍ରକୋଣ୍ଡା ସଦର ମହକୁମାରେ ୪ ଏକର ପରିଧି ମଧ୍ୟରେ ଥିବା କେନ୍ଦ୍ରୀୟ ନର୍ସରିରେ ଉନ୍ନତମାନର ବିଭିନ୍ନ କିସମର ୪ ଲକ୍ଷ ଚାରା ଗଚ୍ଛିତ ରହିଛି। ଏହି ଚାରାଗୁଡିକ ମଧ୍ୟରୁ ଚିତ୍ରକୋଣ୍ଡା ବନାଞ୍ଚଳର ବିଭିନ୍ନ ଅଞ୍ଚଳରେ ୨୦୨୪-୨୫ ଆର୍ଥିକ ବର୍ଷରେ ରୋପଣ ପାଇଁ ୧ ଲକ୍ଷ ୮୦ ହଜାର ୯ ଶହ ଚାରା, ସର୍ବ ସାଧାରଣ, ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ବେସରକାରୀ କାର୍ଯ୍ୟାଳୟଗୁଡିକରେ ୩୫ହଜାର ଚାରା, ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ୧ ଲ କ୍ଷ ୮୦ ହଜାର ଚାରା ବିତରଣ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ବଳରାମ ନାୟକ କହିଛନ୍ତି। ୪୦ ପ୍ରଜାତିର ବିଭିନ୍ନ ଚାରା ଯାହାକି ୩ ବର୍ଷର ହୋଇଥିବାରୁ ଏଗୁଡିକ ରୋପଣ ପାଇଁ ଉପଯୁକ୍ତ । ଚାରାର ଉଚ୍ଚତା ୪ ରୁ ୫ ଫୁଟ ହୋଇଥିବାରୁ ଏହା ବର୍ଷା ଋତୁରେ ଲଗାଇଲେ ବଞ୍ଚିବା ଉପଯୁକ୍ତ ସମୟ। ଯେଉଁ ଅନୁଷ୍ଠାନଗୁଡିକ ମା’ ପାଇଁ ବୃକ୍ଷଟିଏ କାର୍ଯ୍ୟକ୍ରମରେ ଚାରାରୋପଣ କରିବେ ସେମାନେ ବନବିଭାଗରୁ ଚାରା ନେଇ ପାରିବେ ବୋଲି କୁହାଯାଇଛି ।

# ଶିକ୍ଷା, ସ୍ୱାସ୍ଥ୍ୟସେବାକୁ ନେଇ ବୈଠକରେ ଉଦ୍‌ବେଗ

## ବିଧାୟକଙ୍କ ସମୀକ୍ଷା

ପଟ୍ଟାଙ୍ଗି,୨।୭(ଶରତ ଧଳ)



ବୈଠକରେ ବିଧାୟକ ରାମଚନ୍ଦ୍ର କାଡାମ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି ।

ନିର୍ବାଚନ ସରିବାର ୨ମାସ ପରେ ନବନିର୍ବାଚିତ ବିଧାୟକ ରାମଚନ୍ଦ୍ର କାଡାମ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍‌ରେ ପହଞ୍ଚି ମଙ୍ଗଳବାର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ବିଡିଓ ସୁକାନ୍ତ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ବିଧାୟକ କାଡାମ ଉପସ୍ଥିତ ସମସ୍ତ ସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କ ପରିଚୟ ଜାଣିବା ପରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟସେବା ନେଇ ଆଲୋଚନା ବେଳେ ବୈଠକରେ ଉପସ୍ଥିତ ସରପଞ୍ଚ ଓ କଂଗ୍ରେସ ବ୍ଲକ୍ ସଭାପତି ଅର୍ଜୁନ ବାଙ୍ଗା, ରାଜ୍ୟ ପିସିସି ସଭ୍ୟ ଗୁପ୍ତ ଶଙ୍କର ପଟ୍ଟନାୟକ ବିଭିନ୍ନ ସମୟରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଉପୁଜୁଥିବା ସମସ୍ୟା ବିଧାୟକଙ୍କ ଦୃଷ୍ଟି ଆକର୍ଷଣକରି ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ଶିକ୍ଷା ବିଭାଗ ଆଲୋଚନା ବେଳେ ବ୍ଲକ୍ ଶିକ୍ଷା ଅଧିକାରୀ ବ୍ଲକ୍‌ର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେବା ପରେ ଏହାକୁ ନେଇ ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଟା ଏବଂ ପୁକାଲି ସରପଞ୍ଚ ତ୍ରିପତି ସାରା ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ସୂଚନାକୁ ନେଇ ଅସନ୍ତୋଷ ପ୍ରକାଶକରି ଏହା ନିଜ ବିଭାଗକୁ ସୁହାଇଲା ପରି ଅଧିକାରୀ ସୂଚନା ଦେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ବୈଠକରେ ପାଳିକରି ବିଦ୍ୟାଳୟକୁ ଯାଉଥିବା ଶିକ୍ଷକମାନଙ୍କ ପ୍ରତି ଦୃଷ୍ଟି ଦେବାକୁ ମତପ୍ରକାଶ ପାଇଥିଲା। ବ୍ଲକ୍ ଶିକ୍ଷା ଅଧିକାରୀ ଏହାର ସିଧାସଳଖ ଉତ୍ତର ନ ଦେଇ ଉପସ୍ଥିତ ଗଣମାଧ୍ୟମର କାର୍ଯ୍ୟ ନେଇ ଆଙ୍ଗୁଳି ଉଠାଇଥିଲେ। ଫଳରେ ବୈଠକରେ କିଛି ସମୟ ଧରି ବ୍ଲକ୍ ଶିକ୍ଷା ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଶେଷରେ କୃଷି, ବିଦ୍ୟୁତ୍, ଉନ୍ନୟନ, ଜଙ୍ଗଲ, ଆର୍‌ଡି, ଉଦ୍ୟାନ, ପ୍ରାଣୀ ସମ୍ପଦ ଆଦି ବିଭାଗର ସମୀକ୍ଷା ବିଧାୟକ କରିଥିଲେ। ପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ମଧ୍ୟରେ ଲାଗିଥିବା ଯୁକ୍ତିତର୍କରେ ବିଧାୟକ ହସ୍ତକ୍ଷେପକରି ଉଭୟ ସରକାରୀ ଏବଂ ଗଣମାଧ୍ୟମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉଚିତ। ଗଣମାଧ୍ୟମ ପ୍ରତିନିଧିଙ୍କୁ ଇଙ୍ଗିତ କରିବା ଠିକ ନୁହେଁ ବୋଲି ପ୍ରକାଶ କରିଥିଲେ। ଉପସ୍ଥିତ ସମସ୍ତ ସରପଞ୍ଚ, ସମିତିସଭ୍ୟାସଭ୍ୟ ପଟ୍ଟାଙ୍ଗି ବ୍ଲକକୁ ଏକ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ବିଧାୟକଙ୍କୁ ଅବଗତ କରିଥିଲେ। ଏହି ସମୀକ୍ଷା ବୈଠକରେ ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ଲଇଚନ ଖରା, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ଥାନା ଅଧିକାରୀ ଚତୁର୍ଭୁଜ ନାୟକ, ଡାକ୍ତର ଭାଗବତ ମୁର୍ମୁ, ଏମ୍‌ପି ପ୍ରତିନିଧି ଶୁକ୍ରା ଖରା, କାର୍ତ୍ତିକ ଖିଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

ସେମିଳିଗୁଡ଼ା/ସୁନାବେଡ଼ା, ୨।୭ (ବାସୁଦେବ ବରାଡ଼/ କୃତ୍ତିବାସ ପ୍ରଧାନ)



ଗିରଫ ବାବୁଲା।

ଜଣେ ଯୁବକ ଅନ୍ୟ ଜଣେ ଯୁବକଙ୍କୁ ସୋମବାର ସନ୍ଧ୍ୟାରେ ମରଣାନ୍ତକ ଆକ୍ରମଣ କରିଥିବା ସେମିଳିଗୁଡ଼ା ଥାନାରେ ଅଭିଯୋଗ ହୋଇଛି। ଜାନିଗୁଡ଼ା ଗ୍ରାମର ସ୍ୱର୍ଗତ ଡୁମୁରି ଖିଲଙ୍କ ପୁଅ ରାଜୁ (୩୦) ଘରେ ଥିବା ବେଳେ କୌଣସି କାରଣରୁ ସେହି ଗ୍ରାମର ବାବୁଲା ଦୋରା ରାଜୁଙ୍କ ଘରେ ପଶି ରାଜୁଙ୍କୁ ଆକ୍ରମଣ କରିଥିଲେ। ବାବୁଲା ଏକ ଇଟାରେ ରାଜୁଙ୍କ ମୁଣ୍ଡକୁ ଛେଚିଦେଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏନେଇ ରାଜୁ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ସେମିଳିଗୁଡ଼ା ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସହକର୍ମୀଙ୍କ ସହ ଘଟଣାସ୍ଥଳରେ ତଦନ୍ତ କରିଥିଲେ। ଏଥିରେ ବାବୁଲାଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହେବା ପରେ ତାଙ୍କୁ ଗିରଫ କରାଯାଇଛି। କେସ୍ ନଂ. ୮୫/୨୪ରେ ପ୍ରଚଳିତ ହୋଇଥିବା ନୂଆ ଆଇନ ଧାରା ୧୨୬,୧୧୫,୧୦୯, ୩୫୪ ଓ ୨୯୬ରେ ମାମଲା ରୁଜୁକରି ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ରାଜୁ ଜଣେ ରାଜମିସ୍ତ୍ରି ଭାବେ କାମ କରି ପରିବାର ଚଳାନ୍ତି।

# ଜବରଦଖଲ ଉଚ୍ଛେଦ ନେଇ ପ୍ରଶାସନର ଦ୍ୱାରସ୍ଥ ହେଲେ ସରପଞ୍ଚ

ଜୟପୁର, ୨।୭ (ପବନ ପାଣିଗ୍ରାହୀ)



ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି ସରପଞ୍ଚ।

ସରକାରୀ ଜାଗା ଜବରଦଖଲକାରୀଙ୍କଠାରୁ ଉଚ୍ଛେଦ କରିବା ପାଇଁ ଜୟପୁର ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି ସରପଞ୍ଚ। ତହସିଲଦାର ମୋନାଲିସା ଆଚାର୍ଯ୍ୟଙ୍କୁ ଉମୁରି ସରପଞ୍ଚ ସବିତା ନାୟକ ମଙ୍ଗଳବାର ଭେଟି ଏନେଇ ଏକ ଦାବିପତ୍ର ଦେଇଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଉମୁରି ପଞ୍ଚାୟତ ଅଧୀନ ମକାପୁଟ ମୌଜାର ସ୍ୱାମୀନାଥ ଗବେଷଣା ପ୍ରତିଷ୍ଠାନ ମୁଖ୍ୟ ଫାଟକ ନିକଟରେ ସରକାରୀ ଜାଗା ରହିଛି। ତାହାକୁ ଜଣେ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି। ଏହି ଜାଗାକୁ ପଞ୍ଚାୟତର ପାଠାଗାର ଏବଂ ଦୋକାନ ଗୃହ ନିର୍ମାଣ ସକାଶେ ରଖାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କୁ ବାରମ୍ବାର ମନା କରିବା ସତ୍ତ୍ୱେ ସେ ଚାରିପଟେ ପାଚେରି ନିର୍ମାଣ କରି ଉକ୍ତ ସ୍ଥାନକୁ ଜବଦଦଖଲ କରିଛନ୍ତି। ଫଳରେ ପଞ୍ଚାୟତର ପାଠାଗାର ଏବଂ ଦୋକାନ ଗୃହ ନିର୍ମାଣରେ ବିଳମ୍ବ ହେଉଛି। ପ୍ରଶାସନ ଏହି ଜବରଦଖଲ ଉଚ୍ଛେଦକରି ପଞ୍ଚାୟତକୁ ହସ୍ତାନ୍ତର କରିବା ଲାଗି ଦାବି କରାଯାଇଛି । ଉକ୍ତ ଦାବିପତ୍ରର ନକଲ ଉପଜିଲାପାଳଙ୍କୁ ମଧ୍ୟ ପ୍ରଦାନ କରାଯାଇଛି ।

# ନୂଆ ଆଇନ ପ୍ରତ୍ୟେକ ପୀଡ଼ିତଙ୍କୁ ସୁନିଶ୍ଚିତ ନ୍ୟାୟ ଦେବ

## ନୂଆ ଆଇନ ଉପରେ ଜିଲାସ୍ତରୀୟ ସଚେତନତା ବୈଠକ

କୋରାପୁଟ,୨।୭(ଅମିତାଭ ବେହେରା)



ବୈଠକରେ ୩ ନୂଆ ଆଇନ ସମ୍ପର୍କରେ ଚାଲିଥିବା ଆଲୋଚନା।

କୋରାପୁଟ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ୩ ଟି ନୂଆ ଆପରାଧିକ ଆଇନ ଉପରେ ମଙ୍ଗଳବାର ଜିଲାସ୍ତରୀୟ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକାର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମୀନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୁଲାଇ ୧ରୁ ଦେଶରେ କାର୍ଯ୍ୟକାରୀ ହୋଇଥିବା ନୂତନ ଆଇନ ସମ୍ପର୍କରେ ସମସ୍ତ ଜନସାଧାରଣ ସଚେତନ ହେବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଏହି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ପୋଲିସ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଏଥିପାଇଁ ପୂର୍ବରୁ ଜିଲାର ପ୍ରାୟ ୧୮୦ ଜଣ ପୋଲିସ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ଡିଆଇଜି ମୀନା ପ୍ରକାଶ କରିଥିଲେ। ଏହି ଆଇନ ସମସ୍ତଙ୍କ ପାଇଁ ସମାନ ଭାବେ କାର୍ଯ୍ୟ କରିବ। ଏହି ୩ ନୂଆ ଆଇନ ପ୍ରତ୍ୟେକ ପୀଡ଼ିତଙ୍କୁ ସୁନିଶ୍ଚିତ ନ୍ୟାୟ ଦେବ। ଏଥିରେ ମହିଳା ଓ ଶିଶୁଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ମିଳିଛି। ତ୍ୱରିତ ନ୍ୟାୟ ପାଇଁ ଠିକ୍ ସମୟରେ ମାମଲାର ବିଚାର ଏବଂ ଅନ୍‌ଲାଇନରେ ଏଫ୍‌ଆଇଆର୍ ସୁବିଧା ସହ ଡିଜିଟାଲ ପ୍ରମାଣର ସୁବିଧା ଆଇନରେ ରହିଛି। ଏଡିଓ ଏବଂ ଭିଡିଓ ମାଧ୍ୟମରେ ଏଣିକି ସାକ୍ଷ୍ୟଗ୍ରହଣ କରାଯାଇପାରିବ ବୋଲି ସେ କହିଥିଲେ। ବୈଠକରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଶ୍ରୀକାନ୍ତ ବେହେରା, କମାଣ୍ଡାଣ୍ଟ ଯଶୋବନ୍ତ ସେଠୀ, ପୋଲିସ ରିଜର୍ଭ ଇନ୍ସପେକ୍ଟର ଏବି ରାଓ, କୋରାପୁଟ ଓକିଲ ସଂଘ ଉପସଭାପତି ସଞ୍ଜୟ ଝା, ବରିଷ୍ଠ ଆଇନଜୀବୀ କିଶୋର ପଟ୍ଟନାୟକଙ୍କ ସମେତ ଖବରଦାତା, ବରିଷ୍ଠ ନାଗରିକ, କାଉନସିଲର ଏବଂ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ମତ ରଖିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକ୍ରମ କେଶରୀ ଭୋଇ ବୈଠକ ପରିଚାଳନା କରିଥିଲେ।

# ଜାତୀୟ ଡାକ୍ତର ଦିବସ

ଦାମନଯୋଡି,୨।୭ (ମାନସ ରଞ୍ଜନ କର)

କୋରାପୁଟ ବ୍ଲକ୍ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ ଡାକ୍ତର ଦିବସ ସୋମବାର ପାଳିତ ହୋଇଯାଇଛି। କର୍ମଚାରୀଙ୍କ ପକ୍ଷରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଏହା ଅଧୀନ ବ୍ଲକ୍‌ର ବିଭିନ୍ନ ଉପସ୍ୱାସ୍ଥ୍ୟକେନ୍ଦ୍ର, ଆର୍‌ବିଏସ୍‌କେ ଓ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକେନ୍ଦ୍ର ଆଦିରେ ନିୟୋଜିତ ସମସ୍ତ ଡାକ୍ତରମାନଙ୍କୁ ଫୁଲତୋଡ଼ା ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ କେକ୍ କାଟି ଉତ୍ସବ ପାଳନ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ କୁମାର ଟପ୍ପୋଙ୍କ ସହ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ବିପିଏମ୍



ନୂତନ ସିଂ,ପିଏଚ୍‌ଇଓ ବିଜୟ ଖିଲ ଓ ନର୍ସିଂ ଅଧିକାରୀ ବିମଳା ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନୂତନ ଆଇନକୁ ନେଇ ସଚେତନତା

ମାଥିଲି,୨।୬(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ଥାନାରେ ପରିବର୍ତ୍ତିତ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୂତନ ଆଇନ ସମ୍ପର୍କରେ ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ବ୍ରିଟିଶ ଅମଳରୁ ଚାଲି ଆସୁଥିବା ଭାରତୀୟ ଦଣ୍ଡ ସଂହିତା ୧୯୮୦ କ୍ରିମିନାଲ କୋଡ୍ ୧୯୭୩ ଏବଂ ଭାରତୀୟ ସାକ୍ଷ୍ୟ ପ୍ରମାଣ ଆଇନ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରି ଭାରତର ନ୍ୟାୟ ସଂହିତା ୨୦୨୩ ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ରେ ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦନ ଲାଭ କରି ଜୁଲାଇ ପହିଲାରୁ ସାରା ଭାରତରେ ଲାଗୁ କରାଯାଇଛି । ଏ ସମ୍ପର୍କରେ ମାଥିଲି ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ତଥା ଜନସାଧାରଣଙ୍କୁ ପୋଲିସ ତରଫରୁ ଅବଗତ କରାଯାଇଥିଲା। ଶ୍ରୀକାନ୍ତ ଚୌଧୁରୀ, ମଙ୍ଗଳା ଗୌଡ଼, ଏମ୍‌ଡି ଆକବରଙ୍କ ସହ ଅନ୍ୟ ବୁଦ୍ଧିଜୀବୀ କାର୍ଯ୍ୟକ୍ରମରେ ଭାଗନେଇ ଆଲୋଚନା କରିଥିଲେ ।

# ହଷ୍ଟେଲ ହସ୍ତାନ୍ତର ସମସ୍ୟାକୁ ନେଇ ଛାତ୍ରୀ ହନ୍ତସନ୍ତ

ଚିତ୍ରକୋଣ୍ଡା,୨।୭(କ୍ଷୀରୋଦ ବେହେରା)

ହଷ୍ଟେଲ ହସ୍ତାନ୍ତର ସମସ୍ୟାକୁ ନେଇ ଛାତ୍ରୀ ହନ୍ତସନ୍ତ । ମାଲକାନଗିରି ଜିଲା ଚିତ୍ରକୋଣ୍ଡାଠାରେ ଅଳ୍ପ କିଛିବର୍ଷ ହେବ ନୂଆକରି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲାଯାଇଛି ; ଯେଉଁଥିରେ ସ୍ୱାଭିମାନ, ଉପାନ୍ତ ଓ ପାହାଡୀ ଦୁର୍ଗମ ଅଞ୍ଚଳର ଆଦିବାସୀ ଛାତ୍ରୀମାନେ ଯୁକ୍ତ ୨ରେ ନାମ ଲେଖାଇଛନ୍ତି। କିନ୍ତୁ ସେଠାରେ ଏ ପର୍ଯ୍ୟନ୍ତ ହଷ୍ଟେଲ ବ୍ୟବସ୍ଥା କରାଯାଇ ନ ଥିବାରୁ ଛାତ୍ରୀମାନେ ଚିତ୍ରକୋଣ୍ଡାରେ ରହି ପଢିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚିତ୍ରକୋଣ୍ଡାରେ ଘର ନ ଥିବାକୁ ଛାତ୍ରୀମାନେ ଦୁଇ ତିନି ଜଣ ଲେଖାଏ ମିଶି ପନ୍ଦର ଶହରୁ ୨ ହଜାର ଟଙ୍କା ଘର ଭଡ଼ା ଦେଇ ଅସୁବିଧାରେ ରହି ହନ୍ତସନ୍ତ ହୋଇ ପାଠ ପଢୁଛନ୍ତି।

ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ୨୦୨୩ -୨୦୨୪ ବର୍ଷରେ ଦୂରଦୂରାନ୍ତ ବିଭିନ୍ନ ଅଞ୍ଚଳରୁ +୨ ବିଜ୍ଞାନ ପ୍ରଥମ ବର୍ଷରେ ୫୦ ଜଣରୁ ଊର୍ଦ୍ଧ୍ୱ ଛାତ୍ରୀ ଆସି ପଢୁଥିବା ବେଳେ ୨୦୨୪-୨୫ ବର୍ଷରେ ହଷ୍ଟେଲ ବ୍ୟବସ୍ଥା ନ ଥିବାରୁ ସମସ୍ୟା ଯୋଗୁ ଏ ବର୍ଷ ମାତ୍ର ୬ ଜଣ ଛାତ୍ରୀ ନାମଲେଖା ନିମନ୍ତେ ଫର୍ମ ପକାଇଛନ୍ତି । ହଷ୍ଟେଲରେ ରହି ପାଠ ପଢିବାକୁ ଆଜି ସୁଦ୍ଧା ବ୍ୟବସ୍ଥା କରାଯାଇ ନ ଥିବାରୁ ଛାତ୍ରୀମାନେ ଦୂରଦୂରାନ୍ତରୁ ଆସି ହଇରାଣ ହେବା ଅପେକ୍ଷା ନାମ ଲେଖାଇବା ପାଇଁ ଫର୍ମ ପକାଇବାକୁ ଅମଙ୍ଗ ହେଉଛନ୍ତି ।

ସୂଚନା ଅନୁଯାୟୀ, ୧ ବର୍ଷ ହେଲା ହଷ୍ଟେଲ ଗୃହଗୁଡ଼ିକର କାର୍ଯ୍ୟ ପ୍ରାୟ ସରି ଯାଇଥିଲେ ମଧ୍ୟ ଠିକାଦାର ସମ୍ପୂର୍ଣ୍ଣ ପ୍ରାପ୍ୟ ପାଇ ନ ଥିବାରୁ ସେ ହଷ୍ଟେଲକୁ ହସ୍ତାନ୍ତର କରିନାହାନ୍ତି । ଉକ୍ତ ହଷ୍ଟେଲ ଚାଲୁ କରିବା ସମସ୍ୟା ସମ୍ପର୍କରେ ବିଦ୍ୟାଳୟ ଅଧ୍ୟକ୍ଷ, ଠିକାଦାର, ସାମ୍ବାଦିକ ଓ ଅଭିଭାବକମାନେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇ ଆସୁଥିଲେ ସୁଦ୍ଧା ସେମାନେ ସମୟ ଗଡ଼ାଇ କୌଣସି ପଦକ୍ଷେପ ନେଇ ନାହାନ୍ତି । ଜିଲା ପ୍ରଶାସନ ଉକ୍ତ ସମସ୍ୟାକୁ ଅନୁଧ୍ୟାନ କରି ସମାଧାନ କରିବାକୁ ଦାବି ହେଉଛି ।



ହସ୍ତାନ୍ତର ହୋଇ ନ ଥିବା ହଷ୍ଟେଲ ।

# ଚାକିରି ନାଁରେ ୨ଲକ୍ଷ ୭୨ହଜାର ଠକେଇ, ଜଣେ ଗିରଫ

କୋରୁକୋଣ୍ଡା,୨।୭ (ଶିବଦତ୍ତ ସାହୁ)

ଚାକିରି ଦେବା ନାଁରେ ଠକୁଥିବା ଦଳଙ୍କ ମଧ୍ୟରୁ ମଙ୍ଗଳବାର ଜଣଙ୍କୁ ମାଲକାନଗିରି ଜିଲା ଓର୍କେଲ ପୋଲିସ ଗିରଫ କରିଛି। ସେ ହେଲେ ଚିନ୍ମୟ ସାହୁ। ଏହି ଘଟଣାରେ ସମ୍ପୃକ୍ତ ୨ଜଣ ଫେରାର ଅଛନ୍ତି।

ଖବରରୁ ଜଣାପଡିଛି, ମାଲକାନଗିରି ଅଞ୍ଚଳର ଜଣେ ଓ ଖୋର୍ଦ୍ଧା ଅଞ୍ଚଳର ୨ଜଣ ବ୍ୟକ୍ତି ମିଶି ଗତ ୨୦୧୮ରେ କୁଡୁମୁଲୁଗୁମ୍ମା ପଞ୍ଚାୟତ ଅଧୀନ ଶିରିପେଟା ଗ୍ରାମର ସମରା ମାଡିଙ୍କୁ ଚାକିରି କରାଇ ଦେବାକୁ ପ୍ରଲୋଭନ ଦେଖାଇ ତାଙ୍କୁ ଟଙ୍କା ମାଗିଥିଲେ। ସେମାନଙ୍କ ଉପରେ ବିଶ୍ୱାସ କରି ସମରା ଟଙ୍କା ଦେବାକୁ ରାଜି ହୋଇଥିଲେ। ଆଲୋଚନାକ୍ରମେ ୨ଲକ୍ଷ ୭୨ ହଜାର ଟଙ୍କା ଦେବାକୁ କଥା ତୁଟିଥିଲା। ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ତାରାବୋଇ ଗ୍ରାମର ଚିନ୍ମୟ ନିଜ ଫୋନ ପେ ମାଧ୍ୟମରେ ୭୪ ହଜାର ଟଙ୍କା ସମରାଙ୍କଠାରୁ ନେଇଥିଲେ। ଅନ୍ୟ ଦୁଇଜଣ ଅବଶିଷ୍ଟ ୧ଲକ୍ଷ ୯୮ହଜାର ଟଙ୍କା ନେଇଥିଲେ । ଦୀର୍ଘ ଦିନ ଧରି ଚାକିରି ନ ହେବାରୁ ସମରା ସେମାନଙ୍କୁ ଟଙ୍କା ଫେରସ୍ତ ମାଗିଥିଲେ। ମାତ୍ର ଏହି ୩ ଜଣ ଆଉ ଧାରାଛୁଆଁ ଦେଇ ନ ଥିଲେ। ଶେଷରେ ଏନେଇ ସମରା ଗତ ୨।୧୮। ୨୦୧୮ରେ ଓର୍କେଲ ଥାନାର ଦ୍ୱାରସ୍ଥ ହୋଇ ଚିନ୍ମୟଙ୍କ ସମେତ ତିନିଜଣଙ୍କ ନାମରେ ଲିଖିତ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ପୋଲିସ ୮୩/୧୮, ଦଫା ୪୨୦/୪୬୪/ ୪୬୮/୧୦୯, ୩୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ତେବେ ବିଶେଷ ସୂତ୍ରରୁ ସୂଚନା ପାଇ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ମନୋହର ସାହୁ ଓ ଅଜିତ ସିଂ ବାରିହାଙ୍କ ନେତୃତ୍ୱରେ ଗଠିତ ଏକ ଟିମ୍ ଚିନ୍ମୟଙ୍କୁ ଭୁବନେଶ୍ୱର ଅଞ୍ଚଳରୁ ଗିରଫ କରିଥିଲା। ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇଜଣଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି।



ଗିରଫ ଚିନ୍ମୟ ସାହୁ।

# ୬ରେ ସମ୍ପୂର୍ଣ୍ଣତା ଅଭିଯାନ ଶୁଭାରମ୍ଭ ନେଇ ପ୍ରସ୍ତୁତି ବୈଠକ

ମାଲକାନଗିରି, ୨।୭(ଦୁର୍ଯ୍ୟୋଧନ ପାତ୍ର)

ନୀତି ଆୟୋଗ ଆକାଂକ୍ଷା ଜିଲାଗୁଡ଼ିକରେ ସମ୍ପୂର୍ଣ୍ଣତା ଅଭିଯାନ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତା ୬ରେ ମାଲକାନଗିରି ସଦର ଏବଂ ଖଇରପୁଟ, ମାଥିଲି ଓ ଚିତ୍ରକୋଣ୍ଡା ୩ ଆକାଂକ୍ଷା ବ୍ଲକ୍‌ରେ ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ। ଏଥି ନିମନ୍ତେ ମଙ୍ଗଳବାର ଜିଲାପାଳ ସଚିନ ପାୱାରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କିଭଳି ସଫଳ ରୂପେ ଆୟୋଜନ କରାଯିବ ସେଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରୁ ଡିଏନ୍‌କେ ଫୁଟ୍‌ବଲ ପଡ଼ିଆ ପର୍ଯ୍ୟନ୍ତ ପୂର୍ବାହ୍ନ ୭:୩୦ରେ ପ୍ରଭାତ ଫେରି ହେବ। ଡିଏନ୍‌କେ ଫୁଟ୍‌ବଲ ପଡ଼ିଆଠାରୁ ପୂର୍ବାହ୍ନ ୮:୩୦ରେ ସମ୍ପୂର୍ଣ୍ଣତା ଜ୍ୟୋତି ସହ ସ୍ପୋର୍ଟସ କମ୍ପ୍ଲେକ୍ସ ଅଭିମୁଖେ ମାରାଥନ ଦୌଡ଼ ହେବ। ତା’ପରେ ଚାରାରୋପଣ ସାଙ୍ଗକୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହେବ। ପରିଶେଷରେ ସଂସ୍କୃତି ଭବନଠାରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା କାର୍ଯ୍ୟକ୍ରମ ରହିଛି। ସଂସ୍କୃତି ଭବନ ପରିସରରେ ସମ୍ପୂର୍ଣ୍ଣତା ଅଭିଯାନ ମେଳା ଆୟୋଜନ ହେବ ଯେଉଁଥିରେ ସ୍ୱୟଂ ସହାୟକ ଗୋଷ୍ଠୀ ମାଆମାନଙ୍କ ଦ୍ୱାରା ପ୍ରସ୍ତୁତ ସ୍ଥାନୀୟ ଉତ୍ପାଦ, କୃଷି, ଖାଦ୍ୟ ଓ ଆଇସିଡିଏସ୍ ଷ୍ଟଲ୍ ରହିବ। ବୈଠକରେ ଅନ୍ୟମାନଙ୍କ ମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

# ଜଳବନ୍ଦୀ ୨୫ ପରିବାରକୁ ସ୍ଥାନାନ୍ତର ନିର୍ଦ୍ଦେଶ ଦେଲେ ଜିଲାପାଳ

ମାଲକାନଗିରି, ୨।୭ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରିରେ ଜୁନ୍ ୨୮ରେ ପ୍ରବଳ ବର୍ଷା ଯୋଗୁ ସ୍ଥାନୀୟ ବାଲିସାଗର ପୋଖରୀ ହୁଡ଼ା ତଳେ ଦୀର୍ଘ ବର୍ଷ ହେଲା ବାସ କରୁଥିବା ୨୫ ପରିବାର ସମ୍ପୂର୍ଣ୍ଣ ଜଳବନ୍ଦୀ ହେବା ସହ କଚ୍ଚାଘର କାନ୍ଥଗୁଡିକ ନଷ୍ଟ ହୋଇଯାଇଥିଲା। ମାଲକାନଗିରି ବିଧାୟକ ନରସିଂହ ମାଡକାମି ଗତ ୨୯ ତାରିଖରେ ଏହି ଅଞ୍ଚଳ ପରିଦର୍ଶନ କରି ୨ଦିନ ମଧ୍ୟରେ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଯୋଗୁ ପୁନର୍ବାର ସାହି ବାସିନ୍ଦା ଜିଲାପାଳଙ୍କୁ ଏ ସମ୍ପର୍କରେ ସୋମବାର ଅଭିଯୋଗ କଲାପରେ ମଙ୍ଗଳବାର ଜିଲାପାଳ ସଚିନ ପାୱାରଙ୍କ ସହ ପୌର ପରିଷଦ ସହକାରୀ ନିର୍ବାହୀ ଯନ୍ତ୍ରୀ, ଜାଗା ମିଶନ ଅଧିକାରୀ ପ୍ରମୁଖ ଉକ୍ତ ଅଞ୍ଚଳ ଗସ୍ତକରି ସ୍ଥିତି ଅନୁଧ୍ୟାନ କରିଥିଲେ । ଘଟଣା ଅନୁଧ୍ୟାନ କରି ପାଣି ଘେରରେ ଥିବା ଦେଖି ତୁରନ୍ତ ପମ୍ପ ଯୋଗେ ଜଳ ନିଷ୍କାସନ ପାଇଁ ପୌର ପରିଷଦ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିବାରଙ୍କୁ ତୁରନ୍ତ ଏଠାରୁ ସ୍ଥାନାନ୍ତର କରି ଯାତ୍ରୀ ନିବାସରେ ରଖିବା ସହ ସେମାନଙ୍କ ଖାଦ୍ୟପେୟ ବ୍ୟବସ୍ଥା ପାଇଁ ପୌର ପରିଷଦ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପୌର ପରିଷଦ ଅଧିକାରୀଙ୍କ କହିବା ଅନୁଯାୟୀ, ବାଲିସାଗର ପଙ୍କ ପୁନରୁଦ୍ଧାର ଓ ନବୀକରଣ ନିମନ୍ତେ ଚତୁଃପାର୍ଶ୍ୱ ହୁଡାଗୁଡିକ ଓସାର କରାଯିବା ପାଇଁ କାର୍ଯ୍ୟ ଚାଲୁ ରହିଛି। ଏହି ପରିବାରମାନଙ୍କୁ ଥଇଥାନ ପାଇଁ ପ୍ରଶାସନ ତରଫରୁ ଯୋଗାଇ ଦିଆଯାଇଥିବା ଜାଗାକୁ ଯିବା ପାଇଁ କୁହାଯାଇଥିଲେ ମଧ୍ୟ ଏହି ପରିବାରବର୍ଗ ଉକ୍ତ ସ୍ଥଳକୁ ସ୍ଥାନାନ୍ତର ନ ହୋଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କହିଥିଲେ। ଆଗାମୀ ଦିନରେ ଏହି ପରିବାରବର୍ଗଙ୍କୁ ଥଇଥାନ କରାଯିବ ବୋଲି ଜଣାପଡିଛି। ଜିଲାପାଳଙ୍କ ଗସ୍ତ ସମୟରେ ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ଜି. ଶ୍ରୀନିବାସ ରାଓ ଏବଂ ପର୍ଶୁରାମ ଭକ୍ତ ପ୍ରଭୃତି ଉପସ୍ଥିତ ଥିଲେ ।



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଜଳବନ୍ଦୀ ଅଞ୍ଚଳ ବୁଲି ଦେଖୁଛନ୍ତି ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଜଣେ ଗୁରୁତର

ପାପଡାହାଣ୍ଡି, ୨।୭ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତ କିଡିଙ୍ଗଗୁଡ଼ା ଗ୍ରାମରେ ସାପ କାମୁଡ଼ାରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ତାଙ୍କ ନାମ ରଘୁ ଜାନି। ଜମି ହିଡ଼ରେ ଚାଲିକି ଯିବା ସମୟରେ ରଘୁଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ସେ ପରିବାର ଲୋକଙ୍କୁ ଏ ନେଇ ଜଣାଇବା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ତାଙ୍କ ଚିକିତ୍ସା କରାଯାଇଛି।

### ଦୁର୍ଘଟଣାରେ ବୃଦ୍ଧା ମୃତ

ଡାବୁଗାଁ, ୨।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ହଳଦିଗୁଡା ଛକରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉମରକୋଟ ବ୍ଲକ ଅଧୀନ ଦୁରୁଆଗୁଡ଼ା ଗ୍ରାମର ଦୃପୁତା ଭତ୍ରା (୬୦)। ସୂଚନାନୁଯାୟୀ, ଦୃପୁତା ଡାବୁଗାଁ ଥାନା ଅଧୀନ ହଳଦୀଗୁଡ଼ା ଗ୍ରାମସ୍ଥିତ ଝିଅ ଘରକୁ ବୁଲିବାକୁ ଆସିଥିଲେ। ସୋମବାର ଅପରାହ୍ନ ୩ଟାରେ ନିଜ ଘରକୁ ଯିବା ପାଇଁ ହଳଦିଗୁଡା ଛକସ୍ଥିତ ଲକ୍ଷ୍ମୀ ବସଷ୍ଟାଣ୍ଡ ପାଖରେ ବସକୁ ଅପେକ୍ଷା କରିଥିଲେ। ସେହି ସମୟରେ ଲିରାଗୁଡା ଗ୍ରାମର ମଙ୍ଗନାଥ ଭତ୍ରା ବାଇକ୍ (ଓଆର୍-୨୪ଏ-୦୮୬୪) ଯୋଗେ ଆସି ଦୃପୁତାଙ୍କୁ ଧକ୍କା ଦେଇଥିଲେ। ଏଥିରେ ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ମୃତକଙ୍କ ପୁଅ ଧନ ଭତ୍ରା ମଙ୍ଗଳବାର ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। ଏଏସ୍ଆଇ ଚନ୍ଦ୍ରଶେଖର ହଜାରୀ ଡାକ୍ତରଖାନାରେ ପହଞ୍ଚି ମଅତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଥାନା କେସ ନଂ ୧୩୬/୨୪ ଦଫା ୨୮୧/୧୦୬ (୧) ବିଏନ୍ଏସ୍‌ରେ ଏକ ମାମଲା ରୁଜୁ କରାଯାଇଛି।

### ୧୧୦ କି.ମି. ଯାଇ ରକ୍ତ ଦେଲେ ଯୁବକ



ଚନ୍ଦାହାଣ୍ଡି, ୨।୭(ଦିଲୀପ ଦାସ)

ଜରୁରୀ ସମୟରେ ଜଣେ ରୋଗୀଙ୍କୁ ରକ୍ତଦାନ କରି ମାନବିକତା ପରିଚୟ ଦେଇଛନ୍ତି ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ବଇଦପଡା ଗାଁର ଶଙ୍କର ମାଝୀ। ତାଙ୍କର ଏଭଳି ମହାନ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସୂଚନାନୁଯାୟୀ, ଚନ୍ଦାହାଣ୍ଡି ବ୍ଲକ ଧୁରୁଆପଡ଼ା ଗ୍ରାମର ପ୍ରମିଳା ଧୁରୁଆଙ୍କୁ ପ୍ରସବ ନିମନ୍ତେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତଙ୍କ ଶରୀରରେ ହିମୋଗ୍ଲୋବିନ୍ ପରିମାଣ କମ୍ ଥିବାରୁ ରକ୍ତ ଯୋଗାଡ଼ କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ପ୍ରମିଳାଙ୍କୁ ଏ- ପଜିଟିଭ୍ ରକ୍ତର ଆବଶ୍ୟକତା ଥିଲା। ଏନେଇ ପରିବାର ଲୋକେ ଚନ୍ଦାହାଣ୍ଡର ବିପିନ ପୂଜାରୀଙ୍କୁ ଜଣାଇବା ପରେ ସୁଦର୍ଶନ ମାଝି ଏବଂ ସଞ୍ଜୟ କୁମାର ମାଝି ଏ-ପଜିଟିଭ ରକ୍ତ ଆବଶ୍ୟକ ସମ୍ପର୍କରେ ସୋସିଆଲ ମିଡିଆରେ ଜଣାଇଥିଲେ। ଏହି ପୋଷ୍ଟ ଦେଖି ଶଙ୍କର ୧୧୦ କି.ମି. ଦୂର ଚନ୍ଦାହାଣ୍ଡିରୁ ନବରଙ୍ଗପୁର ଯାଇ ପ୍ରମିଳାଙ୍କୁ ରକ୍ତଦାନ କରିଥିଲେ।

### ବନ ବିଭାଗର ବନ ମହୋତ୍ସବ

ଦାମନଯୋଡ଼ି, ୨।୭ (ମାନସ ରଞ୍ଜନ କର)

ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ କୋରାପୁଟ ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦାମନଯୋଡ଼ି ସେକ୍ସନ ଅଧୀନ ଲିଙ୍ଗିଗୁଡ଼ା ପଞ୍ଚାୟତର ଲଛମଣି ଗ୍ରାମ ଉପକଣ୍ଠରେ ଥିବା ପାହାଡ଼ରେ ଚାରାରୋପଣ କରାଯାଇଥିଲା। ଫରେଷ୍ଟର ଆର୍.ବିଜୟ ଶେଖରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଲିଙ୍ଗିଗୁଡା ସରପଞ୍ଚ ଅର୍ଜୁ ଜାନି, ୱାର୍ଡସଭ୍ୟ ବୃନ୍ଦାବନ ଚୌଧୁରୀ ଓ ଲବ ଜାନି, ମହେଶ୍ୱର ନାୟକ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଚାରାରୋପଣ କରିଥିଲେ। ସ୍ଥାନୀୟ ଅଞ୍ଚଳର ଯୁବକ ଓ ମହିଳାମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ୪୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଚାରାରୋପଣ ହୋଇଥିଲା। ଜଙ୍ଗଲ ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନରୁ ପରିବେଶକୁ ସନ୍ତୁଳିତ ରଖିବା ଉଦ୍ଦେଶ୍ୟରେ ବିଭାଗ ଚାରାରୋପଣକୁ ସର୍ବଦା ପ୍ରାଧାନ୍ୟ ଦେଉଛି ବୋଲି ଫରେଷ୍ଟର ବିଜୟ ଶେଖର କହିଥିଲେ। ଫରେଷ୍ଟ ଗାର୍ଡ ମାନସୀ ପଟ୍ଟନାୟକଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଆମ୍ବୁଲାନ୍ସ ଡାକିବାକୁ ହେଲେ ଯିବାକୁ ପଡ଼େ ୫ କି.ମି. ଦୂର

- ସିଂସାରୀ, ତୋରେଙ୍ଗା ପଞ୍ଚାୟତରେ ନାହିଁ ମୋବାଇଲ ନେଟ୍‌ୱର୍କ
- ଅସୁବିଧା ଭୋଗୁଛନ୍ତି ଗ୍ରାମବାସୀ, ଛାତ୍ରୀଛାତ୍ର

ଉମରକୋଟ, ୨।୭(ସନ୍ତୋଷ ଶତପଥୀ)

ପ୍ରଯୁକ୍ତି ବିଦ୍ୟାରେ ଭାରତ ବିକଶିତ ହୋଇ ଶୀର୍ଷ ସ୍ଥାନକୁ ଯିବା ପାଇଁ ଚେଷ୍ଟା କରୁଥିବା ବେଳେ ଏବେବି ନବରଙ୍ଗପୁର ଜିଲାର ଦୁଇ ପଞ୍ଚାୟତ ଅନ୍ତର୍ଗତ ଅଧାରୁ ଅଧିକ ଗାଁକୁ ମୋବାଇଲ ନେଟ୍‌ୱର୍କ ପହଞ୍ଚି ପାରିନାହିଁ। ଏପରି ଅନେକ ପଞ୍ଚାୟତର ବହୁତ ଗାଁ ଅଛି, ଯେଉଁଠି ମୋବାଇଲ ନେଟ୍‌ୱର୍କ ସାତ ସପନ ହୋଇ ପଡ଼ିଛି। ମୋବାଇଲ ନେଟ୍‌ୱର୍କ ନ ଥିବା ୨ ଗ୍ରାମ ପଞ୍ଚାୟତ ହେଉଛି ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ସିଂସାରୀ ଓ ତୋରେଙ୍ଗା। ଏହି ୨ ପଞ୍ଚାୟତର ପ୍ରାୟ ୨୦ରୁ ୨୨ ଗାଁରେ ମୋବାଇଲ ନେଟ୍‌ୱର୍କ ନ ଥିବା ଯୋଗୁ ସେ ସବୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି।

୨୦୧୬ରେ ସିଂସାରୀ ଗ୍ରାମ ପଞ୍ଚାୟତରୁ ଭାଗ ହୋଇ ତୋରେଙ୍ଗା ପଞ୍ଚାୟତ ଗଠନ କରାଯାଇଛି, ଯାହା ଅଧୀନରେ ପ୍ରାୟ ୧୮ ଖଣ୍ଡ ଗାଁ ରହିଛି। ସେହିଭଳି ସିଂସାରୀ ପଞ୍ଚାୟତରେ ମଧ୍ୟ ପ୍ରାୟ ୨୦ଟି ଗାଁ ରହିଛି। ସିଂସାରୀ ପଞ୍ଚାୟତର ୮ ଗ୍ରାମ ଓ ତୋରେଙ୍ଗା ପଞ୍ଚାୟତର ପ୍ରାୟ ୧୦ଟି ଗାଁକୁ କୌଣସି ମୋବାଇଲ ନେଟ୍‌ୱର୍କ ବ୍ୟବସ୍ଥା ନାହିଁ। ତେବେ ଏହି ୨ ପଞ୍ଚାୟତରେ ମୋବାଇଲ ନେଟ୍‌ୱର୍କ ନ ଥିବାରୁ ଉନ୍ନୟନ କାର୍ଯ୍ୟ ଉପରେ ବ୍ୟାପକ ପ୍ରଭାବ ପଡୁଛି। ଏପରି କି ମୁଖ୍ୟମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କୌଣସି କାର୍ଯ୍ୟକ୍ରମ କଲେ ମଧ୍ୟ ଏହି ପଞ୍ଚାୟତ ବାଦ୍ ପଡ଼ିଯାଇଥାଏ।

ଆଜିକାଲି ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଅନ୍‌ଲାଇନରେ ପଞ୍ଜୀକରଣ ହେଉଥିବାରୁ ଏଠାରେ ଅନ୍ୟ ପଞ୍ଚାୟତ ଅପେକ୍ଷା ବିଳମ୍ବରେ ଆରମ୍ଭ ହୋଇଥାଏ। ଏହି ଗ୍ରାମ ପଞ୍ଚାୟତର ଲୋକେ ଦେଶ ବିଦେଶରେ କୌଣସି ଘଟଣାକୁ ଜାଣିପାରନ୍ତି ନାହିଁ। ବିଶେଷକରି ଏହି ପଞ୍ଚାୟତଗୁଡ଼ିକରେ ରହୁଥିବା କଲେଜ ଓ ହାଇସ୍କୁଲ ଛାତ୍ରୀଛାତ୍ର ମୋବାଇଲ ନେଟ୍‌ୱର୍କ ନ ଥିବାରୁ ପାଠପଢ଼ାରେ ନାନା ଅସୁବିଧା ଭୋଗନ୍ତି। କଲେଜରେ ଆଡ୍‌ମିଶନ ପାଇଁ ଆସିଥିବା ମେସେଜ୍ ଜାଣିପାରନ୍ତି ନାହିଁ। ଅପରପକ୍ଷେ ଏଠାରେ କୌଣସି ରୋଗୀ, ଗର୍ଭବତୀଙ୍କୁ ହସ୍ପିଟାଲ୍ ପଠେଇବା ପାଇଁ ଆମ୍ବୁଲାନ୍ସ ଡାକିବା ଲାଗି ହେଲେ ୫ କିଲୋମିଟର ଦୂରରେ ଥିବା ଗାଁକୁ ଆସି ମୋବାଇଲରେ କଥା ହେବାକୁ ପଡ଼ିଥାଏ। ସିଂସାରୀ ଗ୍ରାମରେ ଜିଓ ମୋବାଇଲ୍ ନେଟ୍‌ୱର୍କକୁ ଛାଡ଼ିଦେଲେ ଅନ୍ୟ କୌଣସି ମୋବାଇଲ ନେଟ୍‌ୱର୍କ ବ୍ୟବସ୍ଥା ହୋଇ ପାରିନାହିଁ। ଦେଶ ସ୍ୱାଧୀନ ହେବାର ଦୀର୍ଘ ବର୍ଷ ପରେ ମଧ୍ୟ ଆଜି ନବରଙ୍ଗପୁର ଜିଲାର ଉମରକୋଟ ବ୍ଲକରେ ଅନେକ ଗ୍ରାମ ପଞ୍ଚାୟତର ଲୋକେ ମୋବାଇଲ ସେବାରୁ ବଞ୍ଚିତ ହେଉଛନ୍ତି।



୩ ଦିନର ଲଗାଣ ବର୍ଷା ପରେ ମଙ୍ଗଳବାର ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚାଟିଗୁଡ଼ା ପଞ୍ଚାୟତ ସଦର ଗାଁରେ ମହିଳାମାନେ ଧାନରୁଆ କାମ କରୁଛନ୍ତି। (ଫଟୋ-ସଦାଶିବ ପ୍ରହରାଜ)

# ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଇଲେ ବିଧାୟକ



ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଆଲୋଚନା କରୁଛନ୍ତି।

**ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଲେ ମନ୍ତ୍ରୀ**

ନବରଙ୍ଗପୁର, ୨।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ସ୍ୱାସ୍ଥ୍ୟସେବା ଦିଗରେ ଅନେକ ସମସ୍ୟା ରହିଛି। ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଡାକ୍ତର ଓ ବିଶେଷଜ୍ଞ ଅଭାବ ପ୍ରମୁଖ ସମସ୍ୟା ଭାବେ ମୁଣ୍ଡ ଟେକିଛି। ଲୋକମାନେ ଏଠାରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏସବୁ ସମସ୍ୟା ଓ ରକ୍ତଭଣ୍ଡାର ଖୋଲିବା ଆଦି ଦାବି ନେଇ ମଙ୍ଗଳବାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ତାଙ୍କ କାର୍ଯ୍ୟାଳୟରେ ଭେଟିଛନ୍ତି। ଜିଲାରେ ରହିଥିବା ଅନେକ ପ୍ରକାରର ସ୍ୱାସ୍ଥ୍ୟସେବା ଓ ସମସ୍ୟା ଉପରେ ସେ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ସମସ୍ୟାଗୁଡ଼ିକର ସମାଧାନ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଲୋକପ୍ରତିନିଧିଙ୍କ ଧାରଣା

**ସରପଞ୍ଚଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର ଅଭିଯୋଗ**



କୋଷାଗୁମୁଡ଼ା, ୨।୭ ( ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଏହା ବିରୋଧରେ ଲୋକପ୍ରତିନିଧିମାନେ ଡାକ୍ତରଖାନା ସମ୍ମୁଖରେ ଧାରଣା ଦେଇଥିଲେ। ପୋଲିସ ବୁଝାଶୁଝା କରିବା ପରେ ମଙ୍ଗଳବାର ରାତି ପ୍ରାୟ ୯ଟା ୪୫ରେ ସେମାନେ ହଟି ଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ବରଗାଁ ଗ୍ରାମର ସୁଭଦ୍ରା ଭତରାଙ୍କ ସ୍ୱାସ୍ଥ୍ୟା ଖରାପ ଥିବାରୁ ସୋମବାର ରାତି ପ୍ରାୟ ୧୦ଟାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ଦେଖିବାକୁ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ବାମୁଣୀ ସରପଞ୍ଚ ଧନପତି ଭତରା, ବଡ଼ଆମ୍ବଡା ସରପଞ୍ଚ ଶିଶୁପାଳ ରନ୍ଧାରୀ ଓ ଉକିଆପାଲୀ ସରପଞ୍ଚଙ୍କ ସ୍ୱାମୀ ଧନେଶ୍ୱର ଭତରା ଡାକ୍ତରଖାନାରେ ପହଞ୍ଚି ଥିଲେ। ସେଠାରେ ଉପସ୍ଥିତ ଡାକ୍ତରଙ୍କୁ ସୁଭଦ୍ରାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରିବାରୁ ଏଠାରୁ ବାହାରିଯାଅ ବୋଲି ଡାକ୍ତର ଧମକ ଦେଇଥିବା ଲୋକପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ଏହା ବିରୋଧରେ ଜନ ପ୍ରତିନିଧିମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେଇ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ପୋଲିସ ପହଞ୍ଚି ଲୋକ ପ୍ରତିନିଧିମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ହଟିଛନ୍ତି।

# ଗଛ ଡାଳରେ ଯୁବକଙ୍କ ମୃତଦେହ

ପାପଡାହାଣ୍ଡି, ୨।୭ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପ୍ରଧାନୀଗୁଡ଼ା କାଜୁ ବାଡ଼ରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଗଛରୁ ଉଦ୍ଧାର ହୋଇଛି। ସେ ହେଲେ ନାକଟିଗୁଡ଼ା ପଞ୍ଚାୟତ ଖାଡ଼କୁଶମୀ ଗ୍ରାମର ଲଖମ ବିଷୋୟୀ। ଲଖମ ୪ ଦିନ ତଳେ ନିଜ ପିଇସୀ ଘର ବେତଝରଣ ଗ୍ରାମକୁ ଯାଇଥିଲେ। ସୋମବାର ଅପରାହ୍ନ ୨ ଟାରେ ଲଖମ ବାଇକରେ ପିଇସୀ ଘରୁ ବାହାରିଥିଲେ। ସେ କିନ୍ତୁ ନିଜ ଘରକୁ ଆସି ନ ଥିଲେ। ମଙ୍ଗଳବାର ସକାଳେ ପ୍ରଧାନୀଗୁଡ଼ା କାଜୁ ବାଡ଼ରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲା। ଏକ ଟାୱେଲ ଲଗାଇ ଲଖମ ଗଛଡ଼ାଳରେ ଝୁଲି ପଡ଼ିଥିଲେ। ପରେ ଟାୱେଲ ଛିଣ୍ଡି ଯିବାରୁ ମୃତଦେହ ଗଛ ଡାଳରେ ଲାଗି ରହିଯାଇଥିଲା। ପାପଡାହାଣ୍ଡି ଥାନା ପୋଲିସ କେସ୍ ନଂ. ୦୮/୨୪ରେ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ତଦନ୍ତକାରୀ ଅଧିକାରୀ ଶରତ ଚନ୍ଦ୍ର କୁରୁଟିକା ସୂଚନା ଦେଇଛନ୍ତି।

# ୧୫ ଲକ୍ଷ ୧୨ ହଜାର ୧୩୬ ଜଣଙ୍କୁ ସଚେତନ କରାଇବା ଲକ୍ଷ୍ୟ

**ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ଆରମ୍ଭ**

କୋରାପୁଟ, ୨।୭(ଅମିତାଭ ବେହେରା)

କୋରାପୁଟ ଜିଲାରେ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ-୨୦୨୪ ଶୁଭାରମ୍ଭ ହୋଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ଆରଏନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ସବୁଜ ପତକା ଦେଖାଇ ଅଭିଯାନ ସଚେତନତା ରଥର ଶୁଭାରମ୍ଭ କରିକାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ସ୍ଥାନୀୟ ସମ୍ମିଳନୀ ଗୃହରେ ଆୟୋଜିତ ସଚେତନତା ସଭାରେ ସିଡିଏମଓ ମିଶ୍ର ଯୋଗଦେଇ ଜୁଲାଇ ଓ ଅଗଷ୍ଟ ୨ ମାସ ଧରି ଏହି ସଚେତନତା ରଥ ଜିଲାର ୧୪ ବ୍ଲକ ଅଞ୍ଚଳ ଓ ୪ ପୌରାଞ୍ଚଳର ୩ ଲକ୍ଷ ୭୯ ହଜାର୮୦୨ ଘରକୁ ଘର ବୁଲି ୧୫ ଲକ୍ଷ ୧୨ ହଜାର ୧୩୬ ଜଣଙ୍କୁ ବିଭିନ୍ନ ରୋଗ ସମ୍ପର୍କରେ ସଚେତନ କରିବ ବୋଲି ପ୍ରକାଶ କରିଥିଲେ। ଏହି ୨ ମାସ ଧରି ଏହି ସର୍ବେକ୍ଷଣ କାର୍ଯ୍ୟକ୍ରମରେ ଜିଲାର ସମସ୍ତ ସ୍ୱାସ୍ଥ୍ୟ କର୍ମୀମାନେ ସାମିଲ ହୋଇ ଘରକୁ ଘର ବୁଲି ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, ଯକ୍ଷ୍ମା, କୁଷ୍ଠ ଓ ସମ୍ପୂର୍ଣ୍ଣ ଟୀକାକରଣ ହୋଇ ନ ଥିବା ଶିଶୁ ଓ ହେପାଟାଇଟିସ-ବି ପରୀକ୍ଷା କରାଇ ନ ଥିବା ଗର୍ଭବତୀ ମହିଳାଙ୍କୁ ଚିହ୍ନଟ ପାଇଁ ସର୍ଭେ କରିବେ। ଏଥିସହ ସ୍ୱଚ୍ଛତା ଅବଲମ୍ବନ, ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା, ସ୍ୱଚ୍ଛ ପାନୀୟ ଜଳ ଉପରେ ଜନସାଧାରଣଙ୍କୁ ସଚେତନ କରିବେ। କାର୍ଯ୍ୟକ୍ରମରେ ଡାକ୍ତର ଶିବ ସ୍ୱରୂପ ସାଇ, ଏଡିପିଏଚଓ ଡାକ୍ତର ମୁକ୍ତିକାନ୍ତ ଖଗୁଆ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରକଳ୍ପ ସଂଯୋଜକ ଶୁଭକାନ୍ତ ଗନ୍ତାୟତ, ଏଡିପିଏଚଓ ଶୁଭ ନାରାୟଣ ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଜଗଦଲପୁର-ପୁରୀ ମଧ୍ୟରେ ୩ ଦିନ ଚାଲିବ ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ୍

ଜୟପୁର, ୨।୭(ପବନ ପାଣିଗ୍ରାହୀ)

ରଥଯାତ୍ରା ସମୟରେ ପୁରୀ ତୀର୍ଥଯାତ୍ରୀଙ୍କ ପାଇଁ ସୁବିଧା ଦେବାକୁ ରେଳ ବିଭାଗ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅନୁରୂପ ବ୍ୟବସ୍ଥା ଗ୍ରହଣ କରିଛି। ହେଲେ ଚଳିତ ଥର ଗତ ବର୍ଷଠାରୁ ଅଧିକ ଯାତ୍ରୀ ସେବା ଦେବାକୁ ବିଭାଗ ଘୋଷଣା କରିଛି । ଏହି କ୍ରମରେ ଜଗଦଲପୁର-ପୁରୀ ମଧ୍ୟରେ ଉଭୟ ଦିଗରୁ ୩ ଦିନ ଲେଖାଏ ସ୍ୱତନ୍ତ୍ର ରଥଯାତ୍ରା ଟ୍ରେନ୍ ଚଳାଇବାକୁ ରେଳ ବିଭାଗ ନିଷ୍ପତ୍ତି ହୋଇଛି। ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନାବେଶକୁ ଦୃଷ୍ଟିରେ ରଖି ବିଭାଗ ଏହି ନିଷ୍ପତ୍ତି ନେଇଛି। ଟ୍ରେନ୍ ନଂ. ୦୮୩୪୯ ଜଗଦଲପୁର-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ଆସନ୍ତା ୬, ୧୪ ଏବଂ ୧୬ରେ ଜଗଦଲପୁରରୁ ପୂର୍ବାହ୍ନ ୧୦.୪୫ରେ ବାହାରି ପୁରୀରେ ରାତିରେ ପହଞ୍ଚିବ । ସେହିପରି ବିପରିତ ଦିଗ ଅର୍ଥାତ୍ ଟ୍ରେନ୍ ନଂ ୦୮୩୫୦ ପୁରୀଠାରୁ ଆସନ୍ତା ୮, ୧୬ ଏବଂ ୧୮ରେ ରାତିରେ ବାହାରି ସେହିଦିନ ଅପରାହ୍ନ ୩.୧୦ରେ ଜଗଦଲପୁରରେ ଟ୍ରେନ୍ ପହଞ୍ଚିବ। ଏହି ଟ୍ରେନ୍ କୋଟ୍‌ପାଡ଼ ରୋଡ୍, ଜୟପୁର, କୋରାପୁଟ, ଦାମନଯୋଡ଼ି, ଲକ୍ଷ୍ମୀପୁର ରୋଡ୍, ଟିକିରି, ରାୟଗଡ଼ା, ପାର୍ବତୀପୁରମ୍, ବବଲି, ବିଜୟନଗରମ୍, ଚିପୁରୁପାଲି, ସିଗାଦମ୍, ପୋଣ୍ଡୁରୁ, ଶ୍ରୀକାକୁଲମ୍ ରୋଡ୍, ତିଲାରୁ, କୋଟାବୋମାଲି, ନୂଆଁପଡ଼ା, ପଲାସା, ମଣ୍ଡାସା, ସୋମ୍‌ପେଟା, ଇଛାପୁରମ୍, ବ୍ରହ୍ମପୁର, ଛତ୍ରପୁର, ଗଞ୍ଜାମ, ଖଲିକୋଟ୍, ବାଲୁଗାଁ, କାଲୁପଡ଼ାଘାଟ, ନିରାକାରପୁର, କାଇପଦର ରୋଡ୍, ଆରଗୁଲ୍, ହରିପୁରଗ୍ରାମ ଷ୍ଟେସନ୍‌ରେ ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଅବସରକାଳୀନ ସମ୍ବର୍ଦ୍ଧନା




ନବରଙ୍ଗପୁର, ୨।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଆଦର୍ଶ ଥାନାର ଏଏସଆଇ ଅଶୋକ କୁମାର ଦେଓ ଜୁନ ୩୦ରେ ଚାକିରିରୁ ଅବସର ନେଇଛନ୍ତି। ତାଙ୍କ ପାଇଁ ଥାନାରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା କରାଯାଇଛି। ଥାନାଧିକାରୀ ସମିତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିଆଇବି ଡିଏସ୍‌ପି ମନୋଜ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅତିଥିମାନେ ଦେଓଙ୍କ କାର୍ଯ୍ୟ ଶୈଳୀ, ତାଙ୍କ ଜନସମ୍ପର୍କ ଓ ସେବା ମନୋଭାବ ସମ୍ପର୍କରେ କହିବା ସହ ଅବସର ପରବର୍ତ୍ତୀ ସୁଖମୟ ଜୀବନଯାପନ କାମନା କରିଥିଲେ। ତାଙ୍କ କାର୍ଯ୍ୟ ଶୈଳୀ ସମସ୍ତଙ୍କ ମନେ ରହିବ ବୋଲି ଥାନାଧିକାରୀ କହିଥିଲେ।

# ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହକଲା ଭାଜପା

ଜୟପୁର, ୨।୭(ପବନ ପାଣିଗ୍ରାହୀ)

କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର ଭାରତର ସଂସଦରେ ହିନ୍ଦୁମାନେ ହିଂସୁକ ବୋଲି ଦେଇଥିବା ନିନ୍ଦିତ ମନ୍ତବ୍ୟକୁ ବିରୋଧ କରି ମଙ୍ଗଳବାର ଭାଜପା ବିକ୍ଷୋଭ ପ୍ରଦର୍ଶନ କରିଛି। ଭାରତୀୟ ଜନତା ଯୁବମୋର୍ଚ୍ଚା କୋରାପୁଟ ଜିଲା ପକ୍ଷରୁ ଜୟପୁର ରାଜନଗର ଛକଠାରେ ଏକାଠି ହୋଇ ଯୁବମୋର୍ଚ୍ଚା ଉପସଭାପତି ଏ. ଦୁର୍ଗା ପ୍ରସାଦଙ୍କ ନେତୃତ୍ୱରେ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁଧାଂଶୁ ଶେଖର ଜେନା, ଅମରଲାଲ ଆହୁଜା, ଶ୍ୟାମସୁନ୍ଦର ବେହେରା, ଗୌର ଦାଶ, ବରୁଣ ଜୈନ, ରଜନୀ ନାୟକ, ରବୀନ୍ଦ୍ର ପ୍ରଧାନ, କୋରାପୁଟ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ୱାତୀ ହୋତା, ଶୁଚିସ୍ମିତା ବେହେରା, ଚିନ୍ମୟ ସାହୁ, ପି. ନବୀନ ପ୍ରମୁଖ ଉପସ୍ଥିତ ଥିଲେ।

# ଯାଞ୍ଚ ପାଇଁ କୋରାପୁଟରେ କେନ୍ଦ୍ରୀୟ ଟିମ୍

**୨ ବ୍ଲକରେ ୯ ଶିଶୁଙ୍କ ମୃତ୍ୟୁ ଘଟଣା**

କୋରାପୁଟ, ୨।୭(ଅମିତାଭ ବେହେରା)

କୋରାପୁଟ ଜିଲା ସୀମାନ୍ତ ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ ଅଞ୍ଚଳରେ ଗତ କିଛି ଦିନ ମଧ୍ୟରେ ୯ ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିବା ଘଟଣାର କାରଣ ଅନୁଧ୍ୟାନ ପାଇଁ ମଙ୍ଗଳବାର ୩ ଜଣିଆ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଟିମ୍ କୋରାପୁଟରେ ପହଞ୍ଚିଛନ୍ତି। ଡାକ୍ତର ଆରୁସି ଘାଇଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍‌ରେ ଡାକ୍ତର ଏମ. ସତ୍ୟଜିତ ସୁବୁଦ୍ଧି ଓ ଡାକ୍ତର ଆରତି ନାରେଡା ରହିଛନ୍ତି। ଉକ୍ତ ଟିମ କୋରାପୁଟରେ ପହଞ୍ଚି କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ପରିଦର୍ଶନ କରି ଶିଶୁ ୱାର୍ଡ ସମେତ ବିଭିନ୍ନ ୱାର୍ଡ ଓ ଲାବୋରେଟୋରି ପରିଦର୍ଶନ କରି ରୋଗୀ, ଡାକ୍ତର ଓ ଟେକ୍ନିସିଆନଙ୍କୁ ପଚାରି ବୁଝିଥିଲେ। ମେଡିକାଲ କଲେଜ ଡିନ ପ୍ରଫେସର ସଦାନନ୍ଦ ରଥ, ହସ୍‌ପିଟାଲ ଅଧୀକ୍ଷକ ସୁଶାନ୍ତ ସାହୁ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଆରଏନ ମିଶ୍ରଙ୍କ ସହ ଜିଲାରେ ହୋଇଥିବା ଶିଶୁ ମୃତ୍ୟୁ ଉପରେ ଆଲୋଚନା କରିଥିଲେ। ବୁଧବାର ଏହି କେନ୍ଦ୍ରୀୟ ଟିମ୍ ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ ଅଞ୍ଚଳ ପରିଦର୍ଶନ କରି ଶିଶୁ ମୃତ୍ୟୁର ପ୍ରକୃତ କାରଣ ଅନୁଧ୍ୟାନ କରିବେ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଅଧିକାରୀ ଡାକ୍ତର ମୁକ୍ତିକାନ୍ତ ଖଗୁଆ କହିଛନ୍ତି। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ରାଜ୍ୟ ଶିଶୁ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ଆଦିତ୍ୟ ମହାପାତ୍ର ଓ ରାଜ୍ୟ ୟୁନିସେଫ କନସଲଟାଣ୍ଟ ଡାକ୍ତର ଅନିଲ ପଟ୍ଟନାୟକ ନାରାୟଣପାଟଣା ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରି ସେଠାରେ କେଉଁ କାରଣ ଯୋଗୁ ଶିଶୁଙ୍କ ମୃତ୍ୟୁ ଘଟିଲା ସେ ନେଇ ଅନୁଧ୍ୟାନ କରି ଫେରିଥିଲେ। ବର୍ତ୍ତମାନ ସୁଦ୍ଧା ଜିଲାର ବନ୍ଧୁଗାଁ ଓ ନାରାୟଣପାଟଣା ବ୍ଲକ ଅଞ୍ଚଳରେ ୯ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି। ସେଥିରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ୨ ଜଣଙ୍କ ଡିପଥେରିଆରେ, କୋରାପୁଟ ମେଡିକାଲରେ ଜଣଙ୍କ ନିମୋନିଆରେ ମୃତ୍ୟୁ ହୋଇଛି। ଅନ୍ୟ ୬ ଜଣ ଶିଶୁଙ୍କ ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକରେ ସେମାନଙ୍କ ଘରେ ମୃତ୍ୟୁ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।

# ଏମ୍‌ଭି ୩୭ ସାପ୍ତାହିକ ହାଟ ପାଇଁ ନାହିଁ ଭେଣ୍ଡିଂ ଜୋନ୍

- ସ୍ଥାନ ନିରୂପଣ ପାଇଁ ପହଞ୍ଚିଲେ ବିଡିଓ
- ସରକାରୀ ଅଧିକାରୀ, ଲୋକଙ୍କ ସହ ଆଲୋଚନା

କୋରୁକୋଣ୍ଡା, ୨।୭(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଟିଟାପାରି-୩ ପଞ୍ଚାୟତ ଏମ୍‌ଭି-୩୭ ଗାଁରେ ଦୀର୍ଘବର୍ଷ ଧରି ପ୍ରତି ଶନିବାର ସାପ୍ତାହିକ ହାଟ ହେଉଛି। ବ୍ୟବସାୟୀଙ୍କ ପାଇଁ ହାଟରେ ମାର୍କେଟ କମ୍ପ୍ଲେକ୍ସ ନ ଥିବାରୁ ସେମାନେ ବାଲିମେଲା-ମାଲକାନଗିରି ମୁଖ୍ୟ ରାଜପଥ ପାର୍ଶ୍ୱରେ ପରିବାଠାରୁ ଆରମ୍ଭ କରି ସମସ୍ତ କିଣାବିକା କରୁଛନ୍ତି। ଫଳରେ ରାସ୍ତା ଉପରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଏ ସମ୍ପର୍କରେ ଗତ ୨୫ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏ ନେଇ କୋରୁକୋଣ୍ଡା ବିଡିଓ ସୁଜିତ ମିଶ୍ର କହିଥିଲେ, ଉକ୍ତ ଅଞ୍ଚଳରେ ସାପ୍ତାହିକ ହାଟ ପାଇଁ ଆବଶ୍ୟକ ହେଉଥିବା ଭେଣ୍ଡିଂ ଜୋନ୍ ନିର୍ମାଣ ଲାଗି ସ୍ଥାନୀୟ ଅଞ୍ଚଳବାସୀ ଓ ତହସିଲଦାରଙ୍କ ସହ ଆଲୋଚନା କରି ପ୍ରଥମେ ସ୍ଥାନ ନିରୂପଣ ପରେ କାର୍ଯ୍ୟ ଆରମ୍ଭ ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ଭେଣ୍ଡିଂ ଜୋନ୍ ନିର୍ମାଣ ଲାଗି ବିଡିଓ ସ୍ଥାନ ଚିହ୍ନଟ କରୁଛନ୍ତି।

ସୂଚନା ଯେ, ସୋମବାର ବିଡିଓଙ୍କ ନେତୃତ୍ୱରେ ସହକାରୀ ଯନ୍ତ୍ରୀ ସୁକାନ୍ତ କୁମାର ସାଇଁ, କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ମହାନ୍ତି, ପଞ୍ଚାୟତ ସମିତି ଆକାଉଣ୍ଟାଣ୍ଟ ସୁଶୀଲ ପାଣିଗ୍ରାହୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ଏମ୍‌ଭି-୩୭ ଗ୍ରାମରେ ପହଞ୍ଚି ସ୍ଥାନୀୟ ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିବା ପରେ ଭେଣ୍ଡିଂ ଜୋନ୍ ନିର୍ମାଣ ନିମନ୍ତେ ଦୁଇ ତିନୋଟି ସ୍ଥାନ ପରିଦର୍ଶନ କରି ତୁରନ୍ତ ସରକାରୀ ଜାଗା ଯୋଗାଇ ଦେବାକୁ ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ରାଜସ୍ୱ ବିଭାଗ ପକ୍ଷରୁ ସ୍ଥାନ ନିରୂପଣ କରି ବ୍ଲକ ପ୍ରଶାନକୁ ହସ୍ତାନ୍ତର କରିବା ପରେ ଭେଣ୍ଡିଂ ଜୋନ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଡିଓ ମିଶ୍ର ସୂଚନା ଦେଇଛନ୍ତି । ଭେଣ୍ଡିଂ ଜୋନ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ଥାନ ନିରୂପଣ ହେଉ ନ ଥିବାରୁ ଅଞ୍ଚଳର ଚାଷୀ ଓ ବ୍ୟବସାୟୀ ମାନେ ବାଧ୍ୟ ହୋଇ ବାଲିମେଲା-ମାଲକାନଗିରି ମୁଖ୍ୟ ରାସ୍ତା ଦୁଇ ପାର୍ଶ୍ୱରେ ପନି ପରିବାଠାରୁ ଆରମ୍ଭକରି ମାଛ ମାଂସ ମଧ୍ୟ ରାସ୍ତାକଡରେ ରଖି ବ୍ୟବସାୟ କରୁଛନ୍ତି । ଏହି ସାପ୍ତାହିକ ହାଟ ଉପରେ ଟିଟାପାରି-୧, ଟିଟାପାରି-୨, ଏମ୍‌ଭି-୧୨୨, ଏମ୍‌ଭି-୩୭, ଏମ୍‌ଭି-୩୬, ଏମ୍‌ଭି-୩୮, ଏମ୍‌ଭି-୧୦୮, ଏମ୍‌ଭି-୧୦୪, ଏମ୍‌ଭି-୧୦୯, ଏମ୍‌ଭି-୫୩, ଏମ୍‌ଭି-୩୫, ସୋମନାଥପୁର ଓ ରଙ୍ଗମାଟିଗୁଡା ସମେତ ବହୁ ଗ୍ରାମବାସୀ ନିର୍ଭର କରୁଛନ୍ତି। ଏଠାରେ ଏକ ସ୍ଥାୟୀ ବଜାର ସହ ମାର୍କେଟ କମ୍ପ୍ଲେକ୍ସ ଓ ଭେଣ୍ଡିଂ ଜୋନ୍ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ଆଦୌ କର୍ଣ୍ଣପାତ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ ।

